୨୦୧୯

# ସରଗି ଫୁଲ



**ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ**

ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ

ଓଡ଼ିଶା ସରକାର

# ସରଗି ଫୁଲ୍-୨୦୧୯

ସର୍ଜନାତ୍ମକ ଲିଖନ

ମୁଖ୍ୟ ସଂପାଦକ

**ଅଖିଳ ବିହାରୀ ଓତା**

**ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ**

ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ

ଓଡ଼ିଶା ସରକାର

୨୦୧୯


ମୁଖ୍ୟ ସମ୍ପାଦକ : **ଅଖିଳ ବିହାରୀ ଓତା**

ସମ୍ପାଦନା ମଣ୍ଡଳୀ : **ଦୀପକ ଦାସ**
**ପରମାନନ୍ଦ ପଟେଲ୍**



© ସଦସ୍ୟ ସଚିବ,
ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ
ଓଡ଼ିଶା ସରକାର



ମୁଦ୍ରଣ :
କ୍ୟାପିଟାଲ୍ ବିଜ୍‌ନେସ୍ ସର୍ଭିସ୍ ଆଣ୍ଡ୍ କନ୍‌ସଲ୍‌ଟାନ୍ସି
ବି-୫୧, ଶହୀଦନଗର, ଭୁବନେଶ୍ୱର



# ପିଲାମାନଙ୍କ ପାଇଁ ପଦେ..



"ସର୍‌ଗି ଫୁଲ୍"ର ମହକରେ ଚଉଦିଗ ଆଜି ମହକିତ... ସୁରଭିତ । ତା' ଗୁଞ୍ଜନରେ ଆଜି ଦୂରଦୂରାନ୍ତ ପାହାଡ଼, ବଣ ଭୂଇଁ, ଗଛଲତା ଆନନ୍ଦମୁଖର, ମନରେ ଅପୂର୍ବ ଶିହରଣ । ପିଲାମାନଙ୍କର ମହୋତ୍ସବ "ସର୍‌ଗି ଫୁଲ୍" ଆସିଗଲା.. ଶୁଭ ପରଶ ଦେଲା । ଏହା ଭିତରେ ଚାହୁଁ ଚାହୁଁ ନଅଟି ବର୍ଷ ବିତିଗଲାଣି-ଏବେ "ସର୍‌ଗି ଫୁଲ" ଦଶ ବର୍ଷର କିଶୋର.. ଧିରେ ଧିରେ କୈଶୋର ଆସୁଛି- ମନରେ ଅନେକ କିଛି କରିବାର ଅପୂର୍ବ ଜିଜ୍ଞାସା, ଅସୁମାରୀ ଆଶା, ଅଫୁରନ୍ତ ସ୍ୱପ୍ନ । "ସର୍‌ଗି ଫୁଲ୍" ଅୟମାରମ୍ଭରେ ଏହା ହିଁ ତ ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ଥିଲା । ପିଲାଟି ଶୈଶବ ଓ କୈଶୋରରେ ଅଫୁରନ୍ତ ସ୍ୱପ୍ନ ଦେଖୁ – ତା'ର ସୃଜନ ଓ ସାମର୍ଥ୍ୟକୁ ବିକଶିତ କରୁ – ମନ ଭିତରେ ଉଙ୍କି ମାରୁଥିବା ଅସୁମାରୀ ଭାବନାକୁ ପରିପ୍ରକାଶ କରୁ । ଏହାକୁ ଲୋକଲୋଚନକୁ ଆଣିବାରେ "ସର୍‌ଗି ଫୁଲ୍ ମହୋତ୍ସବ"ର ଆୟୋଜନ ।

"ସର୍‌ଗି ଫୁଲ୍" କେବଳ ଏକ ଉତ୍ସବ ନୁହେଁ... ଏହା ଏକ ଆନ୍ଦୋଳନ ହେବାରେ ଲାଗିଛି । ଆମ ପିଲାମାନେ ଶିକ୍ଷାରେ, ଦିକ୍ଷାରେ, ଏକତା ଓ ଦାୟିତ୍ୱବୋଧରେ, ନୃତ୍ୟରେ, ଗୀତରେ, ତର୍କରେ, ଚିତ୍ରକର ଓ କୁଶଳୀ କଳାକାର ହେବାରେ ସର୍ବୋପରି ଜଣେ ସ୍ୱୟଂ ସଂପୂର୍ଣ୍ଣ "ଭଲ ମଣିଷ" ଭାବେ ନିଜକୁ ଗଢ଼ି ତୋଳିବାରେ ସର୍‌ଗି ଫୁଲ୍ ଏକ ସାମାନ୍ୟ ପ୍ରୟାସ । ଏଇଠି କହି ରଖେ, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ପିଲାମାନଙ୍କ ସୃଜନ ସାମର୍ଥ୍ୟକୁ ସୁଦୃଢ଼ ଓ ସମୃଦ୍ଧ କରିବା ପାଇଁ ଅବିରତ ପ୍ରୟାସ କରିଆସୁଛି ।



ଏହି ଅବସରରେ ପ୍ରକାଶ ପାଉଛି ପିଲାଙ୍କ ସୃଜନଶୀଳତାର ଆଉ ଏକ ପରିଚୟ "ସର୍‌ଗି ଫୁଲ୍‌" ପତ୍ରିକା । ପ୍ରତିଟି ଲେଖାରେ ଅଛି ପ୍ରଚୁର ଆତ୍ମବିଶ୍ୱାସ- ଅପୂର୍ବ ପରିପକ୍ୱତା- ଏହା ଏକ ଶୁଭ ଲକ୍ଷଣ । ଲେଖାଗୁଡ଼ିକ ସରଳ ଓ ସାବଲୀଳ । ଆସିଥିବା ଶହ ଶହ ଲେଖା ତା'ର ସ୍ୱକୀୟ ଗୁଣ ଓ ବାଖ୍ୟାନରେ ସଂପୂର୍ଣ୍ଣ ଓ ମହନୀୟ । କିନ୍ତୁ ସମସ୍ତ ଲେଖା ପ୍ରକାଶ କରିବା ସମ୍ଭବ ନୁହେଁ । ଯେଉଁ କେତୋଟି ଲେଖା ଏ ସଂଖ୍ୟାକୁ ସମୃଦ୍ଧ କରିଛି, ତାହା ଏ ମାଟିର ମୌଳିକତା, ସରଳତା ଓ ସୃଜନଶୀଳତାକୁ ପରିପ୍ରକାଶ କରୁଛି । ପିଲାମାନେ, ମନେରଖ, ପ୍ରତ୍ୟେକ ଅଂଚଳର ନିଜସ୍ୱ ଏକ ବୌଦ୍ଧିକ ପରିମଣ୍ଡଳଟିଏ ଅଛି, ତା'ର ପରିପ୍ରକାଶ ସମୟରେ ତା'ର ଭାଷା, ଭାବ, ସ୍ୱାଭିମାନ ଓ ମୌଳିକତାରେ ଯେପରି ହାନି ନ ହୁଏ । ସରଳ ସଂଯୋଜନା ହିଁ ପାଠକୀୟ ଆଦୃତି ଲାଭ କରେ- "ସର୍‌ଗି ଫୁଲ୍‌" ସେଇ ଆଦୃତି ଲାଭ କରୁ । "ସର୍‌ଗି ଫୁଲ୍‌"ର ସୁରଭିରେ ଆମ ପିଲାଏ ସୁରଭିତ ହୁଅନ୍ତୁ, ଆତ୍ମ ବିଭୋର ହୁଅନ୍ତୁ । ସ୍ୱକୀୟ ଗୁଣରେ ଆତ୍ମପ୍ରକାଶ କରନ୍ତୁ । ପତ୍ରିକା ପ୍ରକାଶ ଅବସରରେ ଏତିକି କାମନା ।

ଅଖିଳ ବିହାରୀ ଓତା

# ସୂଚୀପତ୍ର


| | | |
|---|---|---|
| ୧. | ମା | ୧ |
| ୨. | ମୋ ମାଆ | ୧ |
| ୩. | ମା-ମାଟିର ବନ୍ଦନା | ୨ |
| ୪. | ମୋ ମାଆ | ୪ |
| ୫. | ଆମ 'ମା' | ୫ |
| ୬. | ଆମ ପର୍ବ | ୬ |
| ୭. | ଆମପର୍ବ | ୮ |
| ୮. | ଆମ ଦେବତା | ୯ |
| ୯. | ଆମ ଦେବତା | ୧୦ |
| ୧୦. | ମୋ ଜୀବନର ଅଭୁଲା କଥା | ୧୧ |
| ୧୧. | ମୋର ଅଭୁଲା ଦିନର କଥା | ୧୩ |
| ୧୨. | ମୋ ଜୀବନର ସ୍ମରଣୀୟ | ୧୫ |
| ୧୩. | ମୋର ସ୍ମରଣୀୟ ଦିନ | ୧୭ |
| ୧୪. | ମୋର ଜୀବନର ସ୍ମରଣୀୟ କଥା | ୧୮ |
| ୧୫. | ମୋର ଅଧିକାର | ୨୦ |
| ୧୬. | ଆସ ଲଗାଇବା ଗଛ | ୨୧ |
| ୧୭. | ଆମେ ଗଛ ଲଗାଇବା | ୨୧ |
| ୧୮. | ଆମ ପରିବେଶ | ୨୨ |
| ୧୯. | ଆମ ବିଦ୍ୟାଳୟ | ୨୩ |
| ୨୦. | ବିଦ୍ୟାଳୟର ମୁଖ୍ୟମନ୍ତ୍ରୀ | ୨୫ |
| ୨୧. | ଆମ ବିଦ୍ୟାଳୟରେ ମୁଁ ମୁଖ୍ୟମନ୍ତ୍ରୀ ହେବାପରେ ପରବର୍ତ୍ତୀ ପରିବର୍ତ୍ତନ | ୨୬ |
| ୨୨. | ଆମ ବିଦ୍ୟାଳୟରେ ମନ୍ତ୍ରୀମଣ୍ଡଳ | ୨୮ |
| ୨୩. | ଭଲକାର୍ଯ୍ୟ | ୨୯ |
| ୨୪. | ମୁଁ ମୁଖ୍ୟମନ୍ତ୍ରୀ ହେଲା ପରେ | ୩୦ |
| ୨୫. | ଆମ ବିଦ୍ୟାଳୟ ବିଷୟରେ | ୩୩ |
| ୨୬. | ଆକବର ଓ ବୀରବଲ | ୩୪ |
| ୨୭. | ଭାବଗ୍ରାହୀ ଭଗବାନ୍ | ୩୬ |
| ୨୮. | ତସ୍ମୈ ଶ୍ରୀ ଗୁରବେ ନମଃ | ୩୮ |
| ୨୯. | ବିଲୁଆର ବୁଦ୍ଧି | ୪୦ |
| ୩୦. | ଶିଶୁର ମନ | ୪୨ |
| ୩୧. | ପାଠ ଅଟେ ସାର ଧନ | ୪୪ |
| ୩୨. | ଯୋଗ ଓ ପ୍ରାଣାୟମ | ୪୫ |
| ୩୩. | ମହକିବା | ୪୮ |
| ୩୪. | ଦେଶାତ୍ମକ ବୋଧ | ୪୮ |
| ୩୫. | ଶୀତର ମଜା | ୪୯ |
| ୩୬. | ଟିକିଟିକି | ୪୯ |
| ୩୭. | ଶୁଆ ଓ କୁଆର କାହାଣୀ | ୫୦ |
| ୩୮. | ରହିବ ତୁମର ନାମ | ୫୧ |




୩୯. ଶୀତ ଋତୁ ଆସିଲା ୫୧

୪୦. ଢ଼ଗଢ଼ମାଳୀ ୫୨

୪୧. ନାରୀ ସୁରକ୍ଷା ୫୩

୪୨. ପରିବର୍ତ୍ତନ ୫୪

୪୩. ଅନୁଚିନ୍ତା ୫୫

୪୪. ଜଗତେ କେ ଅଛି ତୁମ ବିନା ପ୍ରଭୂ ୫୫

୪୫. ବାଣୀ ସଂଯମ ୫୬

୪୬. ମୋ ବିଦ୍ୟାଳୟ ୫୭

୪୭. ବଡ଼ଭାଇଙ୍କ ବଡ଼ ପଣିଆ ୫୮

୪୮. ନୀତିବାଣୀ ୫୯

୪୯. ଗୁରୁ ହିଁ ସାକ୍ଷାତ ଈଶ୍ୱର ୬୦

୫୦. ଭୁଲ୍ ମଣିଷ ୬୧

୫୧. ଅନ୍ଧ-ବିଶ୍ୱାସ ୬୧

୫୨. ଅଜା ନାତୁଣୀ ୬୨

୫୩. ଆମେ ସବୁ ଟିକି ଟିକି କଳିକା ୬୩

୫୪. କ'ଣ କହିଥିଲେ କଲାମ ୬୪

୫୫. ଶରୀରର ଯତ୍ନ ୬୫

୫୬. ହସକଥା ୬୬

୫୭. ଆଇନାରେ ସରଗି ଫୁଲ୍ ୬୭

## ମା

କେଡ଼େ ସୁନ୍ଦର କେଡ଼େ ମଧୁର
କେଡ଼େ ମିଠା ସେ ନାଆଁ
ଭୁଲି ହୁଏନି ଯାହାର ଋଣ
ସେ ପରା ଅଟେ ମାଆ ।
ସୁନ୍ଦର ସେହି ଡ଼ାକ ଭିତରୁ
ପଡ଼େ ଅମୃତ ଝରି
ଜୀବନେ କେବେ କାହାରି ପାଇଁ
ନ ହୁଏ ସେ ବଇରୀ ।
ମମତାରେ ଅନ୍ଧୁଣୀ ହୋଇ
ସ୍ନେହ ବିତରି ଥାଏ
ଯାହାର ସ୍ନେହ ଭୁଲି ହୁଏନି
ଜୀବନ ଥିବା ଯାଏ ।
ଆଦର୍ଶ ଭରା ଅନୁଶାସନ
ଦେଖାଏ ମୋତେ ପଥ
ତାଙ୍କରି କୋଳ ଭିତରେ ଥିଲେ
ଅଶାନ୍ତ ମନ ହୁଅଇ ଶାନ୍ତ ।

**ନିଳା  ଳ ପଧାନ**
ନବମ ଶ୍ରେଣୀ, ସରକାରୀ ହାଇସ୍କୁଲ, ଫୁଲମ୍ବା

## ମୋ ମାଆ

ମାଆ ମୋର ଅଟେ ସବୁଠୁ ଭଲ
କିଏ ହେବ ଆଉ ତା' ସମତୁଲ ॥
ଆଦର ରେ ମୋତେ କୋଳକୁ ନିଏ
ଗେଲ କରି ମୋତେ ଶୁଆଇଦିଏ ॥
ମାଆଙ୍କ ସ୍ନେହ ମମତା ଡ଼ୋରୀ
କିଏ ସେ ହେବ ମୋ ମାଆ ପରି ? ॥
ମାଆ ହିଁ ମୋର ପ୍ରଥମ ଦେବତା
ମାଆ ମୋ ପାଇଁ ଜଗତ ଜିତା ॥
ସବୁ ବେଳେ ତାକୁ ଖୁସି ରଖିବା
ସାରା ଜୀବନ ତା ଋଣ ସୁଝିବା ॥

**ଜଲିତା ମାଝୀ**
ଆଶ୍ରମ ସ୍କୁଲ, ଥୁଟିବର କଲୋନୀ



# ମା’-ମାଟିର ବନ୍ଦନା

ଯେଉଁ ଦେଶରେ ଗଙ୍ଗା ବହେ, ଯୁଗ ଯୁଗର କାହାଣୀ କହେ
ସେହି ଦେଶ ମୋ ଜନମ ଭୂଇଁ ସେଇ ମାଟି ମୋ ମାଆ
ତାହାରି ଲାଗି ପରାଣ ଦେବି ରଖିବି ତା’ର ନାଁ ।

ହିମଗିରି ଯା’ର ମୁକୁଟ ଶୋଭେ ଯମୁନା ଗଳାମାଳ
ସାଗର ଧୁଏ ଚରଣ ଯା’ର ଉର୍ମି କଳକଳ
ଯେଉଁ ମାଟିକୁ ପରଶି ଯାଏ ମଳୟ ଶୀତ ବାଆ........
ତାହାରି ଲାଗି ପରାଣ ଦେବି ରଖିବି ତା’ର ନାଆଁ ।

କୋଳରେ ଯା’ର ଜନମ ନେଲେ କୁନ୍ତୀ-ସତୀ-ତାରା
ସୀତା-ଅହଲ୍ୟା-ଦୁର୍ଗାବତୀ ଲକ୍ଷ୍ମୀବାଈ-ମୀରା



ଧରଣୀ ବୁକେ ଦେଖାଇ ଗଲେ ସରଣୀ ନୂଆ ନୂଆ
ତାହାରି ଲାଗି ପରାଣ ଦେବି ରଖିବି ତା'ର ନାଆଁ ।

ଝରିଲା ଯହୁଁ ବାଲ୍ମୀକିର ମୁଖରୁ ରାମ ଗାଥା,
କାଳିଦାସ ମେଘଦୂତ କବୀର ନୀତି କଥା
ରବୀନ୍ଦ୍ରଙ୍କ ସଙ୍ଗୀତରେ ଦୁନିଆ କରେ ଆହା-
ତାହାରି ଲାଗି ପରାଣ ଦେବି ରଖିବି ତା'ର ନାଆଁ ।

ଯାହାର ଧୂଳି ବାଜିଲେ ଦେହେ ଉଲ୍ଲସି ଉଠେ ପ୍ରାଣ,
ଜାତି ଜାତିକା କୁସୁମ ଫୁଟେ ଛୁଟେ କୋକିଳ ସ୍ୱନ-
ଶ୍ୟାମଳ ତରୁ ଗହଳ ଲତା କୁଞ୍ଜବନର ଛାଇ
ତାହାରି ଲାଗି ପରାଣ ପରାଣ ଦେବି ରଖିବି ତା'ର ନାଆଁ ।

ପାବନ ଯା'ର ଶଇଳ ଉମାପତିର ମନ ମୋହେ,
ପାବନ ଯା'ର ଯମୁନା ତୀର କୃଷ୍ଣ ବଂଶୀ ବାଏ
ପାବନ ଯା'ର କୁରୁକ୍ଷେତ୍ର ନାରାୟଣ ତା'ର ସାହା
ତାହାରି ଲାଗି ପରାଣ ଦେବି ରଖିବି ତା'ର ନାଆଁ ।

**ସାଲଖୁ ଟୁଡୁ**
ଅଷ୍ଟମ ଶ୍ରେଣୀ, ପଳାସବାହାଲୀ ଆଶ୍ରମ ବିଦ୍ୟାଳୟ, କଣିହାଁ, ଅନୁଗୋଳ



# ମୋ ମାଆ

ମୋ ମାଆର ନାମ ଆକମ ତୁଇକା
ତାଙ୍କପରି ମୋର ଆଉ କେହି ନାହିଁକା ॥
ରାନ୍ଧି ଖୁଆଇ ଦିଏ ସବୁ ଆମକୁ
ସବୁ ଖାଉ ଆମେ ମିଶି ତାହାକୁ
ମାଁ ପରି ମୋର କିଏ ହେବ
ସବୁବେଳେ ଆମକୁ ଖୁସି ଦେଉଥିବ
ଯିଏ ଶୁଣିବ ମାଁର କଥା
ସିଏ ହୋଇବ ଜଗତଜିତା ॥
ମାଁ ମୋର ପ୍ରଥମ ଦେବତା
ତେଣୁ ଭାବୁ ଅଛି ତାଙ୍କରି କଥା
ମା'ର କଥା ଯିଏ ପାଳନ କରେ
ବିପଦ କେଭେଁ ଆସେନି ଭଲେ ॥
ଯିଏ ଭାବୁଥାଏ ମା'ର କଥା
ସିଏ ହୋଇଥାଏ ବିଶ୍ୱ ବିଜେତା ॥
ଯେତେ ଭାବୁଥାଏ ମା'ର ବିନା
ସବୁ ସପନ ତା ହୋଇବ ଚୂନା ॥
ଯେତେସବୁ କହେ ମା ଆମକୁ
କରିବାକୁ ହେବ ଆମେ ତାହାକୁ ॥
ମାକୁ ଯେବେ ମୁଁ ସ୍ମରଣ କରେ
ବିଜୟ ବାନା ମୁଁ ଉଡାଇପାରେ ॥
ମା'ପରି ମୋର କିଏ ସେ ହେବ
ସବୁ ବେଳେ ଆମକୁ ଖୁସି ହେଉଥିବ ॥

**ବିଭନ୍ତି ତୁଇକା**
ନବମ ଶ୍ରେଣୀ
ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ହାଟମୁନିଗୁଡ଼ା



# ଆମ 'ମା'

ମୋ ମା ମୋତେ ବହୁତ ଭଲ ପାଏ । ମା ତା'ର ପ୍ରତ୍ୟେକଟି ସନ୍ତାନକୁ ଭଲ ପାଇ ଥାଏ । କାରଣ ସେ ପରା ଆମ 'ମା' । 'ମା'ର ହୃଦୟ କୋମଳ ହୋଇଥାଏ । ତା'ର ହୃଦୟ ପୂଜାର ମନ୍ଦିର ପରି, ଆମ 'ମା' ଆମ ପାଇଁ ଏକ ଜୀବନ୍ତ ଠାକୁର ଅଟନ୍ତି । 'ମା' ତା'ର ପ୍ରତ୍ୟେଟି ପିଲାକୁ ଭଲ ପାଠ ପଢେଇ ବଡ଼ ମଣିଷ କରିବାକୁ ଖରା, ବର୍ଷା, ଶୀତ, କାକରକୁ ଖାତିର ନକରି ଖଟି ଚାଲି ଥାଏ । କେବଳ ତା'ର ସନ୍ତାନ ମାନଙ୍କ ପାଇଁ । ଆମେ ତା'ପାଖରେ ଯେତେ ଅଳି ଅଝଟ କଲେ ମଧ୍ୟ ସେ ସବୁ ସହନ୍ତି ଆମକୁ ପଦେବି କଥା କହନ୍ତି ନାହିଁ । କାରଣ ସେ ଆମକୁ ସ୍ନେହ ଶରଧାରେ ବଡ଼ କରିଛି । ସେ ଆମକୁ ସବୁବେଳେ କହନ୍ତି ମିଛ କହିବା ନାହିଁ । ପ୍ରକୃତ ବନ୍ଧୁକୁ ଭୁଲିବା ନାହିଁ ।

'ମା' ହେଉଛି ମୋ ପାଇଁ ଠାକୁର । ସକାଳୁ ଉଠି ପ୍ରଥମେ ତାଙ୍କୁ ପୂଜା କରିବା ସେ ପରା ଆମ ଜନ୍ମଦାତ୍ରୀ । ଆମ ଆଖିର ଲୁହ ଦେଖିଲେ ମା'ଙ୍କୁ ବହୁତ କଷ୍ଟ ହୋଇଥାଏ । ତା ଆଖିର ଲୁହ ଦେଖିଲେ ଆମେ ବି ସହି ପାରିବା ନାହିଁ ।



**ପୁଷ୍ପିତା ନାଏକ**
ନବମ ଶ୍ରେଣୀ,
ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ,
ଚିଲିଦା, କେନ୍ଦୁଝର

# ଆମ ପର୍ବ

ମୋ ପର୍ବର ନାମ – 'ଉଆଁଶ ପର୍ବ'   ପୂଜା ପାଆନ୍ତି ମା ଠାକୁରାଣୀ । ଆମେ ଆମ ପର୍ବଟିକୁ ବର୍ଷକୁ ଥରେ ଜାକଜମକରେ ପୂଜା କରୁ ଏବଂ ଏହାକରି ଆମେ ମା ଠାକୁରାଣୀଙ୍କୁ ଆରାଧନା କରୁ ଏବଂ ଏହି ପର୍ବରେ ମା 'ଭେଜେଗୀ' ନାଚିବେ  ।

ଆସିଛି ଉଆଁଶ ପରବ
ଆସ ହୋଇବା ସମସ୍ତେ ଖୁସୀ,
ଆସ ସାଥିମାନେ ଆମେ ନାଚିବା
ଆସ ଭାଇମାନେ ଗାଇବା ହସି ।
ଏ ନାନୀ, ଭାଇ ଭଉଣୀ ଜାଣିରଖ
ଏହା ମା ଠାକୁରାଣୀ ପୂଜା
କାହାକୁ ନ କହି କଥା
ତାଙ୍କରି ଚରଣେ କରିବା ପ୍ରଣିପାତ ।
ସବୁ ଆମ ବନ୍ଧୁ ଗାଁ ଲୋକ
ନ ବାଛିବା କାହା ଧର୍ମ
ଜାଣିରଖ ମୋ ଗାଁ ଲୋକ
ଏହା ହେଲା ଆମ ଉଆଁଶ ପର୍ବ ।
ମା'ଙ୍କ କରୁଣା ନ ହୋଇବ ଊଣା
ପଶିବା ତାଙ୍କରି ଶରଣ ॥

**କରୁଣା ମାଝୀ**
ଅଷ୍ଟମ ଶ୍ରେଣୀ, ଆଶ୍ରମ ସ୍କୁଲ ବଡ଼ ମାରି ଭଟ, କେଶିପୁର, ରାୟଗଡ଼ା



## ପୂଜାରେ ପରିବାରର ପରମ୍ପରା

ଯେଉଁ ଘରେ ପର୍ବ ହୋଇଥାଏ ସେହି ଘରର ସଦସ୍ୟମାନଙ୍କୁ ଏକାଠି କରି ମୁଣ୍ଡଉପରେ ପୂଜକ ହଳଦୀ ପାଣି ଢାଳିଥାନ୍ତି । ଘରର ଲୋକମାନେ ପୂଜା ପୂର୍ବରୁ ଯେଉଁ ମାନସିକ କରିଥାନ୍ତି ସେହି ମାନସିକ ଏହି ପୂଜାରେ ହିଁ ଭଗବାନଙ୍କ କରୁଣା ଲାଭ କରେ ଓ ମାନସିକ ପୂରଣ ହୋଇଥାଏ । ଏହି ପର୍ବରେ ଘରର ଲୋକମାନେ ସମସ୍ତେ ଧଳା ଲୁଙ୍ଗି ପିନ୍ଧି ମୁଣ୍ଡଉପରେ କୁଲା ଥୁଅନ୍ତି । ଏହି ପର୍ବରେ ଯେତିକି ଛେଳି, ମେଣ୍ଢା ମାନସିକ କରାଯାଇଥାଏ । ସେହି ଅନୁସାରେ ହିଁ ଛେଳି, ମେଣ୍ଢାକୁ ବଳି ଦିଆଯାଏ ।

ଏହି ପର୍ବ ଯେତେବେଳେ ଶେଷ ହେବ, ପୂଜାର ଶେଷଦିନ ଗୋଟିଏ ଭୋଜି ହୋଇଥାଏ । ସେହି ଭୋଜିକୁ ସମସ୍ତ ଅତିଥିମାନେ ପ୍ରସାଦ ସେବନ କରି ନିଜ ଘରକୁ ଚାଲିଯାଆନ୍ତି ।

## ପୂଜା ଶେଷ ହେଲା ପରେ ଘରର ନୀତିନିୟମ

ଯେଉଁ ଘରେ ପୂଜା ହୋଇ ଶେଷ ହେଲାପରେ ସେହି ଘରର ଲୋକ ମାନେ ସପ୍ତାହର ଯେଉଁ ବାରରେ ପୂଜା କରିଥାନ୍ତି, ପୁନର୍ବାର ସପ୍ତାହର ସେହି ବାର ଆସିଲେ ହିଁ ଘରର ଲୋକମାନେ ଅନ୍ୟ ସ୍ଥାନକୁ ଯାଇ ପାରନ୍ତି ଓ ଟଙ୍କା ମଧ୍ୟ ଖର୍ଚ୍ଚ କରିପାରନ୍ତି ।

ପୂଜାର ସପ୍ତାହ ନ ଆସୁଣୁ ଯଦି ଅନ୍ୟସ୍ଥାନକୁ ଗଲେ ବା ଟଙ୍କା ଖର୍ଚ୍ଚ କଲେ ଏହା ଭଗବାନଙ୍କ ପାଇଁ ଅପମାନ ହୋଇଥାଏ । ତେଣୁ ସପ୍ତାହ ପରେ ହିଁ ସେହି ଘରର ଲୋକମାନେ ବିଭିନ୍ନ ସ୍ଥାନକୁ ଯାଇ ପାରନ୍ତି ଓ ସେଥିରେ ଖର୍ଚ୍ଚ କଲେ କିଛି ଅସୁବିଧା ନାହିଁ ।

**ସିନା ଦୁଇଙ୍ଗା**


ସଞ୍ଜୟ ମିଣିଆକା, ଷଷ୍ଠ ଶ୍ରେଣୀ,
ଆଶ୍ରମ ବିଦ୍ୟାଳୟ, ଭାକୁରଗୁଡ଼ା, ରାୟଗଡ଼ା

# ଆମପର୍ବ

ଆମର ବଡ଼ ପର୍ବ ହେଉଛି ଦୀପାବଳି । ଆମେ ଏହାକୁ ବହୁତ ମଜାରେ ପାଳୁ । ଆମର ଦୀପାବଳି ପାଳନ କରିବାର କିଛି ନିୟମ ଅଛି । ସେ ନିୟମ ଗୁଡ଼ିକ ହେଲା ।

ପ୍ରଥମ ଦିନ କୁସୁଲିଆ ବଂଶର ଲୋକମାନେ ଉପବାସ ରହି ତାଙ୍କର ଦେବୀକୁ ପୂଜା କରିବେ ଓ ଉପବାସକୁ ଭାଙ୍ଗନ୍ତି ଓ ଭାତ କି ଯାହାବି ଖାଆନ୍ତି ।

ଦ୍ୱିତୀୟ ଦିନ ଗାଁର ସମସ୍ତଲୋକ ଉପବାସ ରହନ୍ତି ପୁଣି ରାତିରେ ମଶାଣିକୁ ଯାଇ ଗୋଟିଏ ଖଲିରେ ଭାତ, ଝୁଡୁଙ୍ଗ,  ଡ଼ାଲି, ମଦ ଏକାଠି କରି ଗୋଟିଏ ଖଲିପତ୍ରରେ ରଖନ୍ତି ଓ ଡୁମ୍ବା ଡ଼ାକନ୍ତି ।

ପୁଣି ନିଜ ନିଜ ଘରେ ଆଉ ଥରେ ନିଜ ଘରର ଦେବୀକୁ ଡ଼ାକନ୍ତି ଓ ପୂଜା କରନ୍ତି ।

ତୃତୀୟ ଦିନ : ସକାଳେ ସମସ୍ତ ନୂଆ ମାଠିଆ ହାଣ୍ଡିରେ ନଦୀର ପାଣି ଆଣନ୍ତି ଓ ସେହି ପାଣିରେ ରୋଷେଇ କରନ୍ତି ଓ ରାତିରେ ପୁଣି ଡୁମ୍ବାଡ଼ାକି ଭାତ, ଡ଼ାଲି ଦିଅନ୍ତି । ଏହି ସବୁ କାର୍ଯ୍ୟ ଘରର ବଡ଼ ବୋହୁମାନେ ହିଁ କରନ୍ତି । ଚତୁର୍ଥ ଦିନ ୧୨ଟାରେ ସମସ୍ତେ ଦାଣ୍ଡରେ ବସି ହଳଦୀ ପାଣି ଗାଧୋଇବେ ଓ ନାଚିବେ ବହୁତ ମଜା କରିବେ । ଦିନ ୩ ଟା ଯାଏ ନାଚିବେ ଓ ପାଣି ଖେଳିବେ ଏବଂ ସନ୍ଧ୍ୟା ୪ ଟାରେ ଗାଁର ସମସ୍ତ ଲୋକ ଏକାଠି ବସି ଭୋଜି ଖାଇବେ ଭୋଜିରେ ମାଂସ, ଭାତ, ଡ଼ାଲି, ଘା ତରକାରୀ ହୋଇଥିବ ସମସ୍ତେ ଖାଇସାରି ପୁଣି ନାଚିବା ଆରମ୍ଭ କରିବେ । ନିଜ ନିଜ ସ୍ୱାମୀ ଏବଂ ସ୍ତ୍ରୀ ମିଶିକି ନାଚିବେ ଯଦି ନ ନାଚିବେ, ୫୦୦ ଟଙ୍କା ଜରିମାନ ଦେବେ । ଏମିତିକା ୭ଟା ରାତି ଯାଏ ନାଚିବେ । ନାଚିଲା ସମୟରେ ସମସ୍ତ ଝିଅ ଓ ପୁଅ ମାନେ ଗୁରୁଜନମାନଙ୍କୁ ମୁଣ୍ଡିଆ ମାରିବେ ।

**ନିରୁପମା ବାଗ**
ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ସଗିଗୁଡ଼ା









# ଆମ ଠାକୁରାଣୀ ଆମ ବିଶ୍ୱାସ

ଜନ୍ମ ହେଲି ମୁଇଁ ଯାହାର କୋଳରେ
ନିତି ଡ଼ାକେ ତାକୁ ମାଆ
ସେହି ମାଁ ମୋତେ ଚିହ୍ନେଇଲା ଦିନେ
ଏକ ଆଉ ଭିନ୍ନ ମାଆ ।
ନାହିଁ ତା'ର ଘର ନାହିଁ ତା' ଶରୀର
ଗଛ ମୂଳେ ପୂଜା ପାଏ
ପଥର ମୁଣ୍ଡରେ ସିନ୍ଦୁର ଲାଗିଲେ
ମାଁ ସିଏ ହୋଇଯାଏ ।
ଦେଖିଛି ବହୁତ ବହୁତ ଶକତି
ଭିନ୍ନେ ଭିନ୍ନେ ନାନା ଜୀବେ
ପଥର ଖଣ୍ଡରେ ଏତେ ଯେ ଶକତି
ଦେଖି ନ ଥିଲି ମୁଁ କେବେ ।
ନିଇତି ସକାଳେ ମୋ ମାଆ ସାଙ୍ଗରେ
ତାହାରି ପାଖକୁ ଯାଏ
ସେ ମାଆ ଆଗରେ ମଥା ଟେକି ଦେଲେ
ମନେ ଶାନ୍ତି ଭରିଯାଏ ।
ତା ପାଖ ମହକେ ଚନ୍ଦନ ଚନ୍ଦନ
ଦୀପ, ଧୂପ ସବୁ ସଜା
ପର୍ବ ପର୍ବାଣୀରେ ସୁମଧୁର କରେ
ଆମ ଆଦିବାସୀ ବାଜା ।
ଗୋଟେ ମାଆ ମୋତେ ଘରେ ଗେଲ କରେ
ଅନ୍ୟ ମାଆ ଦୁନିଆରେ
କେତେ ଖୁସି ମୋର ଦୁଇଟି ମାଆର
ସ୍ନେହ ଅଛି ମୋ ଭାଗ୍ୟରେ
'ନୂଆଖାଇ' ରେ ସେ ନୂଆ ସଜ ହୁଏ
ଆହା ଲାଗେ କି ସୁନ୍ଦର
ବେଶୀ ଖୁସି ଲାଗେ ଭିନ୍ନ ଅବତାରେ
ଦେଖିକି ମାଆକୁ ମୋର
ଜୀବନରେ ଯେତେ ଝଡ଼ ଝଞ୍ଜା ଆସୁ
କ୍ଷତି କରୁ ଯିଏ ଯାହା,
ଡ଼ରିବି ନାହିଁ ମୁଁ ତିଳେ ହେଲେ କେଭେଁ
ଝାଙ୍କିରୀ ମାଆ ମୋ ସାହା ।

**ସଞ୍ଜନା କାଡ୍ରାକା**
ଅଷ୍ଟମ ଶ୍ରେଣୀ, ଆଶ୍ରମ ବିଦ୍ୟାଳୟ ଭାକୁରଗୁଡ଼ା



# ଆମ ଦେବତା

**ଉପକ୍ରମ :** ଜ୍ୟେଷ୍ଠ ମାସରେ ଆମ ଗାଁରେ ବାଲିଯାତ୍ରା ହୋଇଥାଏ । ଏହି ଯାତ୍ରାରେ ବାଲି ଦେବତା ପୂଜା ପାଆନ୍ତି । ଏହି ଯାତ୍ରାକୁ ବୁଢା ଠାରୁ ଆରମ୍ଭ କରି ପିଲା ପର୍ଯ୍ୟନ୍ତ ସମସ୍ତ ଗାଁ ଲୋକ ପାଳନ କରନ୍ତି ।

**କିପରି ପାଳନ କରାଯାଏ :** ଏହି ଯାତ୍ରାକୁ ତିନି ଦିନ ଧରି ପାଳନ କରାଯାଏ । ଏହାର ପ୍ରଥମ ଦିନରେ ବାଲି ଦେବତାଙ୍କୁ ଚାଉଳ ଓ ଦୀପ ଦେଇ ପୂଜା କରାଯାଏ । ବାଉଁଶ ଚାଲୁଣିରେ ମାଟି ପକାଇ ସେଥିରେ ମକା ଓ ଗହମ ମଞ୍ଜି ବୁଣା ଯାଏ ଓ ପାଣି ପକାଇ ବାଲି ଦେବତାଙ୍କ ପାଖରେ ରଖାଯାଏ । ଏହା କରିବା ଦ୍ୱାରା ଚାଷ ଭଲ ହୋଇଥାଏ ଏବଂ ବାଲି ଦେବତାଙ୍କୁ ଗାଁ ମୁଣ୍ଡରୁ ଆରମ୍ଭ କରି ଶେଷ ପର୍ଯ୍ୟନ୍ତ ବୁଲାଇ ଦିଆଯାଏ । ତା'ପରେ ଏହାର ଦ୍ୱିତୀୟ ଦିନରେ ବାଲି ଦେବତାଙ୍କୁ କୁକୁଡ଼ା ବଳୀ ଦିଆଯାଏ । ତୃତୀୟ ଦିନରେ ସକାଳଠୁ ଆରମ୍ଭ କରି ସନ୍ଧ୍ୟା ପର୍ଯ୍ୟନ୍ତ ନାଚ ଗୀତ ହୋଇଥାଏ । ଘରର ସମସ୍ତ ଝିଅ ବୋହୂମାନେ ନୂଆ ଲୁଗା ପିନ୍ଧି ପିଠାପଣା ଇତ୍ୟାଦି ବିଭିନ୍ନ ପ୍ରକାର ମିଠା ତିଆରି କରିଥାନ୍ତି । ତା'ପରେ ବନେଇଥିବା ସମସ୍ତ ମିଠା କିମ୍ବା ପିଠା ବାଲି ଦେବତାଙ୍କୁ ଅର୍ପଣ କରାଯାଏ ।

**ଶେଷକଥା :** ଏହା କରିବା ଦ୍ୱାରା ଗାଁ ଲୋକଙ୍କ ପନିପରିବା ଚାଷ କିମ୍ବା ଧାନ ଚାଷ ଇତ୍ୟାଦି ଭଲ ହୁଏ ବୋଲି ଗାଁ ଲୋକଙ୍କର ବିଶ୍ୱାସ ରହିଛି । ସେମାନେ ଘରର ସମସ୍ତ ଗୋରୁ, ଗାଈ, ମେଣ୍ଢା, ଛେଳି ଓ କୁକୁଡ଼ା ମାନଙ୍କ ପାଇଁ ମଧ୍ୟ ପୂଜା କରନ୍ତି ।

**ନିଳେନ୍ଦ୍ରୀ ମାଝୀ**
ସରକାରୀ ଉଚ୍ଚ ବିଦ୍ୟାଳୟ, ମାଳିଗାଁ



# ମୋ ଜୀବନର ଅଭୁଲା କଥା

**ଉପକ୍ରମ** – ଯାହା ମୋତେ ବିଦ୍ୟାଳୟରେ ଗୁରୁ ଓ ଗୁରୁମା ଶିକ୍ଷା ଦିଅନ୍ତି ତାହା ମୁଁ କାମରେ ଲଗାଇଥାଏ । ଜଣେ ମଣିଷ ସବୁ ବୁଝୁଥିବ ମାତ୍ର ସେ ଲୋକମାନଙ୍କ ଆଗରେ ପରିପ୍ରକାଶ କରିପାରେ ନାହିଁ । ତାହା ପ୍ରକୃତ ଶିକ୍ଷାନୁହେଁ । ମଣିଷର ପରିପ୍ରକାଶ ହିଁ ପ୍ରକୃତ ଶିକ୍ଷା ।

**ବର୍ଣ୍ଣନା** – ଜୀବନ ଏକ କ୍ଷଣ ଭଙ୍ଗୁର । ଆଜି ଅଛୁଁ କାଲିକି ନାହୁଁ । ଯେତେବେଳେ ପ୍ରାଣୀଟିଏ ଏହି ପୃଥିବୀରେ ଜନ୍ମ ହୋଇଥାଏ ସେହି ପ୍ରାଣୀର ମରଣ ସୁନିଶ୍ଚିତ । ଆମେ ଯଦି ଏହି ସମାଜରେ ମଣିଷ ଜନ୍ମ ନେଇଛେ । ତାହା ହେଲେ ଜୀବନରେ ଏମିତି ଭଲ କାମ କରିବା ଯେମିତିକି ସମାଜର କେହିବି ତୁମର କାମ ଭୁଲି ପାରିବେ ନାହିଁ ।

ଆମ ଗ୍ରାମର ନାମ ହେଲା ମାଝୀ ବଣ୍ଡିଲି ଗ୍ରାମରେ ପ୍ରାୟ ୨୦୦ ରୁ ଅଧିକ ଲୋକମାନେ ବାସ କରନ୍ତି । ଗତ ତିନି ବର୍ଷର କଥା, ଆମ ଗ୍ରାମରେ ଅନେକ ଲୋକମାନଙ୍କୁ ଜ୍ୱର ହୋଇଥିଲା । ଗ୍ରାମର ଲୋକମାନେ ଆଦିବାସୀ । ଲୋକଙ୍କୁ ଅଧିକମାତ୍ରାରେ ଜ୍ୱର ହେବାରୁ ଅଧିକ ଖର୍ଚ୍ଚ ମଧ୍ୟ ହେଉଥିଲା ।



# ସପନି ଫୁଲ

ବିଦ୍ୟାଳୟରେ ଗ୍ରୀଷ୍ମ ଛୁଟି ହେବାରୁ ମୁଁ ଘରକୁ ଗଲି । ଶୁଣିବାକୁ ପାଇଲି ଅଧିକାଂଶ ଲୋକ ମ୍ୟାଲେରିଆ ଜ୍ୱରରେ ଆକ୍ରାନ୍ତ ହୋଇଛନ୍ତି ।

ମୁଁ ଟିକିଏ ଚିନ୍ତାକଲି କ'ଣ କଲେ ମ୍ୟାଲେରିଆଠାରୁ ମୁକ୍ତି ପାଇବ । ଆଗରୁ ଜାଣିଥିଲି ମୋ ବିଦ୍ୟାଳୟରେ ଗୁରୁ, ଗୁରୁମା ମଶାରୀ ଟାଣି ଶୁଅ ବୋଲି ସଚେତନ କରିଥିଲେ । ମୁଁ ମଧ୍ୟ ତାହା ଭାବି ଲୋକମାନଙ୍କୁ ସଚେତନ କଲି ଓ ଆମ ଚାରିପାଖରେ ଥିବା ଅଳିଆ ଆବର୍ଜନାକୁ ସଫା କର ବୋଲି ପ୍ରେରଣା ଦେଲି ।

କିଛିଦିନ ଗଲାପରେ ଲୋକମାନଙ୍କ ମଧ୍ୟରେ ପରିବ ର୍ନ ଘଟିଲା । ଲୋକମାନେ ଏହି ବିଷୟରେ ସବୁକିଛି ଜାଣିଲାପରେ ଶେଷରେ ମୋତେ କହିଲେ ବାବୁ, ତୁମେ ଯଦି ଆମ ମାନଙ୍କୁ ସଚେତନ ଓ ଏ ବିଷୟରେ ପ୍ରେରଣା ଦେଇନଥାନ୍ତ ଆମ୍ଭେମାନେ ବହୁତ ସମସ୍ୟାର ସମ୍ମୁଖରେ ପଡ଼ିଥାନ୍ତୁ ।

କେଉଁ କାମ ପାଇଁ କେଉଁ କାମ କଲେ ମୁକ୍ତି ପାଇବା ତାହା ଆମେ ସବୁ ଜାଣିଗଲୁ ବୋଲି ମୋତେ ଗ୍ରାମ ତରଫରୁ ଲୋକମାନେ ସମ୍ମାନ ଓ ଉତ୍ସାହିତ କଲେ । ଗ୍ରାମର ଲୋକମାନେ ସ୍ମୃତିକୁ କେବେବି ଭୁଲିବେ ନାହିଁ ଓ ମୁଁ ମଧ୍ୟ ସେମାନଙ୍କୁ ଭୁଲିବି ନାହିଁ ।

ତାଙ୍କ ସମ୍ମାନ ଓ ଆଶୀର୍ବାଦ ମୋ ପାଖରେ ସବୁଦିନ ରହୁ । ସେହି ସମ୍ମାନ ଓ ଆଶିର୍ବାଦ ଏବଂ ମୋର ଚେଷ୍ଟାରୁ ମୁଁ ଦିନେ ନା ଦିନେ ମୋ ଦେଶର ନାଁ ରଖିବି ।

**ସିନା ଦୁରକା**
ଡ଼ାଙ୍ଗମା ସରକାରୀ ଉଚ୍ଚ ବିଦ୍ୟାଳୟ



# ମୋର ଅଭୁଲା ଦିନର କଥା

ମୁଁ ଯେତେବେଳେ ଗାଁ ସ୍କୁଲରେ ପ୍ରଥମରୁ ୫ମ ପର୍ଯ୍ୟନ୍ତ ପଢୁଥିଲି । ସେତେବେଳେ ମୁଁ ଗଧ ଥିଲି । କେବିବି ସ୍କୁଲକୁ ଯାଉନଥିଲି । ମୋତେ ଯେତେ ସାଙ୍ଗମାନେ ଡ଼ାକିଲେ ମଧ୍ୟ ମୁଁ ଯାଉନଥିଲି । ମୋତେ ଦେଖି ସମସ୍ତେ କିନ୍ତୁ ଖୁସି ହେଉଥିଲେ କାହିଁକି ନା ମୁଁ ଯେତେବେଳେ ସ୍କୁଲଗଲେ ସବୁକାମ କରୁଥିଲି କିନ୍ତୁ ପାଠପଢିବାର ନାହିଁ । ତେଣୁ ଦିନେ ମୋତେ ସାର ଏମିତି ବାଡେଇଲେ ଯେ ମୋ ହାତ ପାପୁଲି ସବୁ ଫୁଲିଗଲା । ତଥାପି ମୋତେ କିଛି କାଟୁ କଲା ନାହିଁ କାହିଁକିନା ମୋତେ ପଢିବାକୁ ଇଚ୍ଛା ନଥିଲା । ଏଇ ତ ସରିଗଲା ମୋ ଗାଁ ସ୍କୁଲର କଥା । ତା'ପରେ ମୁଁ ପୁଣି ଥରେ ପ୍ରଥମରୁ ୫ମ ପର୍ଯ୍ୟନ୍ତ ପଦ୍ମପୁର ସ୍କୁଲରେ ପଢିଲି । ସେତେବେଳେ ମଧ୍ୟ ମୁଁ କିଛି ବୁଝୁନଥିଲି । ତେଣୁ ମୋତେ ସ୍କୁଲରେ କିଏବି ଶ୍ରଦ୍ଧା କରୁନଥିଲେ । ଆଉ ମୋତେ ବେଶୀ ଗାଳି ଦେଉଥିଲେ । ତାପରେ ମୁଁ କାନ୍ଦିପକାଉଥିଲି । ଯେତେବେଳେ ସାର କିମ୍ବା ମାଡ଼ାମ ପଢାଇବାକୁ ଆସନ୍ତି ତେବେ ମୁଁ ମନେ ମନେ ବହୁତ ଗାଳି ଦେଉଥିଲି । ଆଉ ଯେତେବେଳେ ଖରାଛୁଟି ହୁଏ ସେତେବେଳେ ମୁଁ ବହୁତ ଖୁସି ହେଉଥିଲି । ଆଉ ଯେତେବେଳେ ସ୍କୁଲଖୋଲା ହୁଏ ସେତେବେଳେ ମୁଁ ଗାଁର ପିଲାମାନଙ୍କୁ ଦେଖି ଭାବେ ସ୍କୁଲରେ ପଢିନଥିଲେ ଏମାନଙ୍କପରି ଘରେ ରହିଥାନ୍ତି । ଏମିତି ବହୁତ କିଛି ଭାବୁଥିଲି । ହେଲେ ମୁଁ ଯେତେବେଳେ ତୃତୀୟ ଶ୍ରେଣୀ ପଢିଲି ସେତେବେଳେ ଆମ ମାଡ଼ାମ ମୋତେ ଗୋଟିଏ ପ୍ରଶ୍ନ ପଚାରିଲେ ତାପରେ ମୁଁ ସେହି ପ୍ରଶ୍ନର ଉ ର



ସାଉଁଣି ଫୁଲ

ଦେଲି । ତା'ପରେ ମୋତେ ସମସ୍ତେ ମୋ ଆଡ଼କୁ ଚାହିଁଲେ । ସେହିଦିନଠୁ ମୁଁ ଖୁସି ହୋଇ ନିଜେ ନିଜେ ଦୁଇକ ପଣିକିଆ କଷ୍ଟକରି ଶିଖିଦେଲି ତା'ପରେ ମୋତେ ୨ ପଣିକିଆ ବୁଝିଗଲି । ତା'ପରେ ମୋ ସାଙ୍ଗମାନଙ୍କୁ ସମସ୍ତଙ୍କୁ କହିଲିକି ଯେ ମୋତେ ୨୦ ପଣିକିଆ ବୁଝିଗଲା । ତା'ପରେ ସମସ୍ତ ଛାନିଆ ହୋଇଗଲେ । ମୁଁ ୨ ପଣିକିଆକୁ ୨୦ ବୋଲି କହୁଥିଲି କାହିଁକି ନା ମୁଁ କିଛି ଜାଣୁନଥିଲି । ପିଲାମାନଙ୍କ ପରିହାସ ମତେ ବହୁତ ବାଧିଲା ମୁଁ ଜିଦି କଲି ମୁଁ ବି ପଢ଼ିବି । ସେହିଦିନରୁ ହିଁ ମୋତେ ପାଠ ପଢିବାକୁ ବହୁତ ଇଛା ହେଲା । ତା'ପରେ ମୁଁ ପାଠରମାନେ ବୁଝିଗଲି । ସେବେଠୁ ମୁଁ ଛୋଟବେଳେ ଯାହାସବୁ ଭାବୁଥିଲି ତାହାବୁଝିପାରିଲି ଯେ ପାଠ ମୋ ପାଇଁ କେତେ ଜରୁରୀ । ଆଉ ଏବେ ମୁଁ ବୁଝିଛି ଯେ ପାଠ ହିଁ ମୋପାଇଁ ସବୁକିଛି । ବିଦ୍ୟା ହେଉଛି ବାପା, ମା । ବିଦ୍ୟା ଆମକୁ ମା ପରି ସୁଖଦାନ କରେ । ବାପା ମା ନଥିଲେ ମଧ୍ୟ ଆମେ ବିଦ୍ୟାଦ୍ୱାରା ହିଁ ଆଗକୁ ଯାଇ ପାରିବା ମୁଁ ଏହି ଶିକ୍ଷାଦ୍ୱାରା ପ୍ରତ୍ୟେକ ପ୍ରତିଯୋଗିତାରେ ଭାଗନେଇ ପାରୁଛି । ତେଣୁ ଆମେ ପାଠକୁ କେବେବି ବୋଝ ବୋଲି ଭାବିବା ନାହିଁ ଯେମିତି ମୁଁ ଭାବୁଥିଲି । କାହିଁକି ନା Education is key success ମୁଁ ମୋର ଏହି ଅନୁଭୂତିରୁ ଏତିକି କହିବିକି ଯେ ଆଜି ମୁଁ ଯାହାବି ଶିଖିଛି ତାହା କେବଳ ମୋ ମାଡ଼ାମଙ୍କ ପାଇଁ ଆଜି ଯଦି ସେ ମୋତେ ପ୍ରଶ୍ନ ନପଚାରିଥାନ୍ତେ ତାହାହେଲେ ମୁଁ ଏବେବି ସେହି ଆଗପରି ରହିଯାଇଥାନ୍ତି । ତେଣୁ ମୁଁ ତାଙ୍କୁ କେବେବି ଭୁଲି ପାରିବି ନାହିଁ ।

**ବିଭନ୍ତି ତୁଇକା**



ପା ।ନୀ

# ମୋ ଜୀବନର ସ୍ମରଣୀୟ ଅନୁଭୂତି

ସମସ୍ତଙ୍କର ଜୀବନର ଏକ ଲକ୍ଷ୍ୟ ଥାଏ ଏହା ସବୁବେଳେ ଜଣଙ୍କଠାରୁ ଅନ୍ୟ ଜଣଙ୍କର ଅଲଗା, ସେମିତି ମୋର ଗୋଟିଏ ଲକ୍ଷ୍ୟ ଯେ ପାଠ ପଢି ଦିନେ ଭଲ ମଣିଷଟିଏ ହେବି ଓ ଭଲ ଚାକିରିଟେ କରିବି । ମୁଁ ବିଦ୍ୟାଳୟରେ ପ୍ରଥମ ଶ୍ରେଣୀରେ ଆଡ଼ମିସନ କଲି । ବ ର୍ମାନ ମୁଁ ସପ୍ତମ ଶ୍ରେଣୀ ପଢୁଛି । ତା ହେଲେ ମୁଁ ବିଦ୍ୟାଳୟରେ ପ୍ରଥମ ଶ୍ରେଣୀରୁ ସପ୍ତମ ଶ୍ରେଣୀ ମଧ୍ୟରେ କେଉଁ କେଉଁ ଭଲ କାମ କରିଛି ତାହା ସ୍ମରଣ କରୁଛି । ମୁଁ ଯେତେବେଳେ ପ୍ରଥମ ଶ୍ରେଣୀରେ ପଢୁଥିଲି ସେତେବେଳେ ଆମ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଥିଲେ ଶ୍ରୀ ବିଷ୍ଣୁ ପ୍ରସାଦ ଖାଡ଼ଙ୍ଗୀ । ସେ ଆମ ବିଦ୍ୟାଳୟକୁ ବହୁତ ସ୍ୱଚ୍ଛ ରଖୁଥିଲେ ଯେ କୌଣସି ଜାଗାରେ ଜରି କିମ୍ବା କାଗଜ ଖଣ୍ଡେ ପଡ଼ିଥିଲେ ସେ ତାଙ୍କ ନିଜ ହାତରେ କାଢି ଡ଼ଷ୍ଟବିନରେ ପକାଉଥିଲେ ତେଣୁ ତାଙ୍କୁ ଆମେ ସବୁଦିନ ପାଇଁ ମନେ ରଖିଛୁ । ମୁଁ ଯେତେବେଳେ ଆମ ବିଦ୍ୟାଳୟରେ କ୍ୟାବିନେଟ ଶିକ୍ଷା ମନ୍ତ୍ରୀ ହେଲି ସେଇ ଦିନଠାରୁ ମୁଁ ପ୍ରତିଦିନ ସକାଳ ୫ଟାରେ ଶର୍ଯ୍ୟା ତ୍ୟାଗ କରୁଥିଲି ୫.୧୫ରେ ଗୋଡ଼ ହାତ ମୁଁହ ଧୋଇ ପ୍ରାର୍ଥନା କରୁଥିଲି । ୫.୧୫ରୁ ୭.୪୫ ପର୍ଯ୍ୟନ୍ତ ମୁଁ ପଢା ପଢି କରୁଥିଲି ଓ ୭.୪୫ ଆମର ସଫେଇ କାର୍ଯ୍ୟକ୍ରମ ହୁଏ ମୁଁ ବେଲ୍ ମାରୁଥିଲି । ସଫେଇ କାର୍ଯ୍ୟ ସରିଗଲାପରେ ୭.୪୫ରୁ ୮.୩୦ ପର୍ଯ୍ୟନ୍ତ ପାଠ ପଢୁଥିଲି ତା ପରେ ୮.୩୦ ସ୍ନାନ କରିବାକୁ ଯାଉଥିଲି । ସ୍ନାନ ପରେ ଆମ ବିଦ୍ୟାଳୟ ୯ଟାରେ ସକାଳ ଭୋଜନ କରାଯାଏ । ପିଲାଙ୍କୁ ମୁଁ ବହୁତ ଶାନ୍ତି ଶୃଙ୍ଖଳାରେ ରଖୁଥିଲି । ଆମ ବିଦ୍ୟାଳୟରେ କୌଣସି ଡ଼ିବେଟ ହେଲେ ମୁଁ ଡ଼ିବେଟରେ ଭାଗ ନେଉଥିଲି । ତେଣୁ ଶିକ୍ଷକମାନେ ମଧ୍ୟ ମୋ ଉପରେ ବହୁତ ଖୁସି ହେଉଥିଲେ । ମୁଁ ସଂନ୍ଧ୍ୟାରେ ପ୍ରାର୍ଥନା ପରେ ପିଲାମାନଙ୍କୁ ରୁମରେ ବସି ପାଠ ପଢିବା ପାଇଁ କହୁଥିଲି । ପିଲାମାନେ ମଧ୍ୟ ଭଲ ପାଠ ପଢୁଥିଲେ । ଯେ କୌଣସି କାମ ମଧ୍ୟ ଶୃଙ୍ଖଳିତ ସହିତ କରୁଥିଲେ ।



## ସ୍ମୃତି ଫୁଲ

ମୁଁ ମୋ ନିଜ ଇଚ୍ଛା ଅନୁସାରେ ଶିକ୍ଷା ମନ୍ତ୍ରୀ ହୋଇନାହିଁ । ମୋତେ ବିଦ୍ୟାଳୟରେ ସବୁବେଳେ ଭଲ କାମ କରୁଛି ବୋଲି ଆମ ଶିକ୍ଷକ ମତେ ଶିକ୍ଷା ମନ୍ତ୍ରୀରେ ଛିଡ଼ା ହେବା ପାଇଁ କହିଲେ ତେଣୁ ମୁଁ ଶିକ୍ଷା ମନ୍ତ୍ରୀରେ ଭୋଟ ପାଇ ଜିତିଲି ସେହି ଦିନ ଠାରୁ ମୁଁ ଶିକ୍ଷା ମନ୍ତ୍ରୀର କାର୍ଯ୍ୟ ପାଳନ କରି ଆସୁଛି ଆଗକୁ ମଧ୍ୟ ପାଳନ କରିବି । ଶିକ୍ଷା ପାଇ ନ ଥିଲେ କିଏ ମଧ୍ୟ କୌଣସି ଚାକିରି କରିବା କିମ୍ବା ଅଫିସର ହେବା ଅସମ୍ଭବ । ଭଲ ମଣିଷ ମଧ୍ୟ ହୋଇପାରିବନି । ତେଣୁ ଶିକ୍ଷାକୁ ଅଧିକ ଗୁରୁତ୍ୱ ଦିଆଯିବା ଉଚିତ । ତେଣୁ କୁହାଯାଇଛି 'ଶିକ୍ଷା ହିଁ ସଫଳତାର ଚାବି କାଠି' । ଯେଉଁ ଦେଶ ଗୁରୁଙ୍କୁ ଯେତେ ସମ୍ମାନ ଦେଇ ଜାଣିଛି ସେହି ଦେଶ ଅଧିକ ଉନ୍ନତି ହେଉଛି । ଆମ ବିଦ୍ୟାଳୟରେ ଶିକ୍ଷା ଉପରେ ହିଁ ଅଧିକ ଗୁରୁତ୍ୱ ଦିଆଯାଏ । ଶିକ୍ଷକ କମ ଅଛନ୍ତି ହେଲେ ମଧ୍ୟ ଭଲ ପାଠ ପଢାନ୍ତି । ତେଣୁ ଏହା ସବୁଦିନ ପାଇଁ ସ୍ମରଣୀୟ ହୋଇ ରହିଛି । ପାଠ ପଢିବା ସହିତ ମୁଁ ବିଦ୍ୟାଳୟକୁ ସ୍ୱଚ୍ଛ ରଖିବା, ବିଦ୍ୟାଳୟରେ ଗଛ ଲଗେଇବା, ବିଦ୍ୟାଳୟରେ କିପରି ଶାନ୍ତି ଶୃଙ୍ଖଳା ରହିବ, ପିଲାମାନେ କିପରି ଶାନ୍ତି ଶୃଙ୍ଖଳାର ସହିତ ପାଠ ପଢି ପାରିବେ ସବୁ କାର୍ଯ୍ୟ କରୁଥିଲି ଏହି ସ୍ମରଣୀୟ ଘଟଣା କେବେ ଭୁଲି ପାରିବି ନାହିଁ ।

**ରାଜୀବ ଝୋଡିଆ**
ସପ୍ତମ ଶ୍ରେଣୀ, ଆଶ୍ରମ ବିଦ୍ୟାଳୟ, ଥୁଟିବର




**ସରୋଜ କୁମାର ଶବର**, ଦଶମ ଶ୍ରେଣୀ,
ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ, ନୂଆପଡ଼ା

# ମୋର ସ୍ମରଣୀୟ ଦିନ

ସେହିଦିନ ଅପରାହ୍ନ ତିନି ଘ ।। ବେଳକୁ ସ୍ଥାନୀୟ ଟାଉନହଲରେ ଉପସ୍ଥିତ ରହିବାକୁ ପୂର୍ବରୁ ନିର୍ଦ୍ଦେଶ ଦିଆଯାଇଥିଲା । ପ୍ରତିଯୋଗିତା ଆରମ୍ଭ ହେଲା ଠିକ ୩.୩୦ ମିନିଟରେ ୩୦ ମିନିଟ ପୂର୍ବରୁ ପ୍ରତିଯୋଗିତାର ବିଷୟ ଘୋଷଣା କରାଯାଇଥିଲା । ସେହି ଦିନ ପ୍ରତି ଯୋଗିତାର ବିଷୟ ଥିଲା । 'ସ୍ୱାଧୀନ ଭାରତର ସମାଜ' । ଆମ ଶ୍ରେଣୀ ଶିକ୍ଷକ ସ୍କୁଲ ତରଫରୁ ସେଠାକୁ ଯାଇଥିଲେ । ମୁଁ ତାଙ୍କ ସହ ପରାମର୍ଶ ଓ ଆଲୋଚନା କଲି । ପ୍ରତ୍ୟେକ ପ୍ରତିଯୋଗୀଙ୍କୁ ମାତ୍ର ୩ ମିନିଟ ସମୟ ଦିଆଗଲା । ଜଣେ ପରେ ଜଣେ ଅଂଶଗ୍ରହଣ କରି ନିଜ ନିଜ ବକ୍ତବ୍ୟ ପ୍ରକାଶ କଲେ ।

ମୁଁ ଠିକ ସମୟରେ ମୋର ବକ୍ତବ୍ୟକୁ ଅତ୍ୟନ୍ତ ଆକର୍ଷଣୀୟ ତଥା ନାଟକୀୟ ଶୈଳୀରେ ଉପସ୍ଥାପନ କରି ଉପସ୍ଥିତ ଶ୍ରୋତା ମଣ୍ଡଳୀକୁ ସ୍ତମ୍ଭୀଭୂତ କରିଦେଲି । ସ୍ୱାଧୀନତା ପରବ ର୍ତ୍ତୀ ସମୟରେ ଶିକ୍ଷା ସଂସ୍କୃତି ଓ ସମାଜ କଲ୍ୟାଣର ବିଭିନ୍ନ ଦିଗ ସଂପର୍କରେ ଆଲୋକପାତ କରି ଉପସ୍ଥିତ ଭଦ୍ରମଣ୍ଡଳୀର ଚି   ଆକର୍ଷଣ କରିଥିଲି । ସନ୍ଧ୍ୟା ପା  ଘ  ।। ପର୍ଯ୍ୟନ୍ତ ପ୍ରତିଯୋଗିତା କାର୍ଯ୍ୟ ଚାଲୁ ରହିଥିଲା । ପ୍ରାୟ ପଚାଶ ଜଣ ପ୍ରତିଯୋଗୀ ଏଥିରେ ଅଂଶ ଗ୍ରହଣ କରିଥିଲେ । ପ୍ରତିଯୋଗିତା ସମାପ୍ତିର ୩୦ ମିନିଟ ପରେ ଫଳାଫଳ ଘୋଷଣା କରାଗଲା । ସେଦିନ ମୋର ଆନନ୍ଦ କହିଲେ ନସରେ । ସେହି ମୂହୁ ର୍ତ୍ତଟି ମୋର ସବୁଦିନ ପାଇଁ ଅଭୁଲା ହୋଇ ରହିଲା । ମୋ ନାମ ଘୋଷଣା କରିବା ସଙ୍ଗେ ସଙ୍ଗେ ମୋର ପୂଜ୍ୟ ଗୁରୁଜୀ ଓ ଅନ୍ୟସାଙ୍ଗ ମାନେ ମତେ ଅଭିନନ୍ଦନ ଜଣାଇବାକୁ ମୋ ଚାରିପାଖେ ଘେରିଗଲେ । ତା'ପରଦିନ ପୁରସ୍କାର ବିତରଣ କରାଗଲା । ମତେ ଗୋଟିଏ କପ୍ ଓ ମାନପତ୍ର ପ୍ରଦାନ କରାଗଲା ।

**ନିଳେନ୍ଦ୍ରୀ ମାଝୀ**
ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ମାଳିଗାଁ



# ମୋର ଜୀବନର ସ୍ମରଣୀୟ କଥା

ଏହି ଘଟଣାଟି ୨୦୧୭ ମସିହାରେ ଘଟିଥିଲା ଖରାଛୁଟିରେ । ଆମେ ଅ ।ମୋଡ଼ା ଉଚ୍ଚ ବିଦ୍ୟାଳୟରେ ପଢୁଥିବା ଆଙ୍ଗୁରୁ ଗାଁର ପିଲାମାନେ ଯେତେବେଳେ ଆମ ଗାଁରେ ପହଁ୍ଲୁ ଦେଖିଲୁ ଯେ ଗାଁ ଚାରିଆଡ଼େ ଅଳିଆ ଆର୍ବଜନା ପଡ଼ିରହିଛି । ଏହା ଦେଖି ଆମ ମାନଙ୍କୁ ବହୁତ ଖରାପ ଲାଗିଥିଲା । କାହିଁକି ନା ଗାଁ ଲୋକ କହିଲେ ଏହାକୁ ସଫା ରଖିବାକୁ ଚାହାନ୍ତି ନାହିଁ । ଏହା ସବୁ ଦେଖି ମୁଁ ରାତିରେ ଭାବୁଥିଲି ଯେ କେମିତି କଲେ ଗାଁଟା ନିର୍ମଳ ଓ ପରିଷ୍କାର ରହିବ ଓ ସୁନ୍ଦର ଦେଖାଯିବ । ତାପରଦିନ ଆମ ବିଦ୍ୟାଳୟରେ ସମସ୍ତ ପିଲା ମାନଙ୍କୁ ଘରକୁ ଡ଼କାଇଲି ଓ ସେମାନଙ୍କୁ ବୁଝେଇଲି ଥିଲି ଯେ ଆମେ ଆମ ଗାଁକୁ ସ୍ୱଚ୍ଛ ଓ ପରିଷ୍କାର ରଖିବାକୁ ହେଲେ ଆମକୁ ହିଁ ଗାଁ ପାଇଁ କିଛି କରିବାକୁ ପଡ଼ିବ । ଏହି କଥା ସମସ୍ତେ ରାଜି ହୋଇଥିଲେ ସେହିଦିନ ସନ୍ଧ୍ୟା ୪ଟାରେ ଆମେ ସ୍କୁଲ ପିଲା ମିଶି ଗାଁ ସଫେଇ କରିବାକୁ ଲାଗିପଡ଼ିଲୁ । ଏହା ସବୁ ଦେଖି ଗାଁ ଲୋକ ମାନେ ଆମକୁ ବହୁତ ପ୍ରଶଂସା କରିଥିଲେ କିନ୍ତୁ କିଛି ଦିନ ପରେ ପୁଣି ସେହି ପରି ଗ୍ରାମରେ ଅଳିଆ ଆବର୍ଜନା ଚାରିଆଡ଼େ ପଡ଼ିବାକୁ ଲାଗିଲା । କେହି ମଧ ଟିକିଏ ହେଲେ ବି ଗ୍ରାମକୁ ସଫା ରଖିବାକୁ ପ୍ରୟାସ କଲେ ନାହିଁ । ଏହା ଦେଖି ଆମେ ସମସ୍ତ ସ୍କୁଲ ପିଲାମାନଙ୍କୁ ଭାରି ଦୁଃଖ ଲାଗିଥିଲା । ତା ପରଦିନ ପୁଣି ଆମେ ସମସ୍ତେ ସ୍କୁଲ ପିଲା ମିଶି ସନ୍ଧ୍ୟା ୪ଟାରେ ଗାଁରେ ଗୋଟିଏ ସଭା ବସାଇଥିଲୁ । ଏହି ସଭାରେ ଗାଁ ର ୱାଡ଼ ମେମ୍ବର ଓ ଗାଁର ମୁଖ୍ୟ ସହ ଗାଁର ସମସ୍ତେ ଏହି ସଭାରେ ଉପସ୍ଥିତ ହୋଇଥିଲେ । ଏହି ସଭାରେ ଆମେ ସବୁ ସ୍କୁଲ ପିଲାମିଶି ଗାଁ ଲୋକମାନଙ୍କୁ ଅଭିନୟ ମାଧ୍ୟମରେ ବୁଝାଇଥିଲୁ ଯେ ଗାଁ କୁ ଅପରିଷ୍କାର କରିବା ଦ୍ୱାରା ଆମକୁ କ'ଣ ସବୁ ଅସୁବିଧା ହୋଇଥାଏ । ଗାଁ କୁ ପରିଷ୍କାର ରଖିବା ଦ୍ୱାରା



ଆମର କ'ଣ ସବୁ ସୁବିଧା ହୋଇଥାଏ । ସେଠାରେ ଅଭିନୟ କରି ବତେଇ ଥିଲୁ ଯେ ଗାଁକୁ ପରିଷ୍କାର ନ ରଖିବା ଦ୍ୱାରା ଆମକୁ ଜ୍ୱର, ଝାଡ଼ା, କାଶ, କାଛୁକୁଣ୍ଡିଆ, ଜାଦୁ ଆଦି ରୋଗ ଆମକୁ ହୋଇଥାଏ । ଏହା ଛଡ଼ା ବର୍ଷାଦିନେ ସେହି ଅଳିଆ ଆବର୍ଜନାରେ ପାଣି ଜମି ଯାଇଥାଏ । ସେହି ଅପରିଷ୍କାର ପାଣିରେ ମଶା, ମାଛି ମାନେ ନିଜର ବଂଶ ବିସ୍ତାର କରିଥାନ୍ତି । ଏହି ମଶା ମାନେ ଆମକୁ କାମୁଡ଼ିବା ଦ୍ୱାରା ଆମକୁ ମେଲେରିଆ, ଡ଼େଙ୍ଗୁ, ଜାପାନି ଜ୍ୱର ପରି କେତେକ ମାରାତ୍ମକ ରୋଗ ହୋଇଥାଏ । ସେହିପରି କି ଗାଁକୁ ପରିଷ୍କାର ରଖିଲେ ଆମକୁ କ'ଣ ସବୁ ସୁବିଧା ହୋଇଥାଏ । ଯେମିତିକି ଝାଡ଼ା, କାଛୁକୁଣ୍ଡିଆ, ମେଲେରିଆ, ଜାପାନି ଜ୍ୱର, ଡ଼େଙ୍ଗୁ ପରି ମାରାତ୍ମକ ରୋଗ ମାନଙ୍କଠାରୁ ଦୁରେଇ ରହିଥାଉ । ଯାହାଫଳରେ ଆମ ଦେହ ସୁସ୍ଥ ରହିବ ଓ ଆମେ ପ୍ରତ୍ୟେକ କାର୍ଯ୍ୟରେ ଆଗେଇ ରହି ପାରିବା । ଏତିକି କହି ଆମେ ଆମର ସଭାଭଙ୍ଗ କରିଥିଲୁ । ସଭା ଶେଷପରେ ଆମକୁ ଗାଁର ସମସ୍ତ ଲୋକ ପ୍ରଶଂସା କରିଥିଲେ ଓ ତାପର ଦିନଠାରୁ ଗାଁରେ ସମସ୍ତ ଲୋକମାନେ ଗାଁକୁ ପରିଷ୍କାର ଓ ସୁନ୍ଦର ରଖିବା ପାଇଁ ଆମ ସହିତ ମିଶି କାମ କରିବାକୁ ଲାଗିଲେ । ଏହା ଦେଖି ମୁଁ ବହୁତ ଖୁସି ଅନୁଭବ କରୁଥିଲି ଏହାହିଁ ଥିଲା ମୋର ଜୀବନର ସ୍ମରଣୀୟ ସମୟ ।

ଧର୍ମେନ୍ଦ୍ର ଗେଦେ

ନବମ ଶ୍ରେଣୀ, ସରକାରୀ ଉଚ୍ଚ ବିଦ୍ୟାଳୟ, ଅ ।ମୋଡ଼ା



ଚୈତନ୍ୟ ପ୍ରସାଦ ମୁଣ୍ଡା, ଅଷ୍ଟମ ଶ୍ରେଣୀ, ସରକାରୀ ଉଚ୍ଚ ବିଦ୍ୟାଳୟ, ନାରଣପୁର

# ମୋର ଅଧିକାର: ମୋର ସ୍ୱପ୍ନ

ବ ୍ବାର ଅଧିକାର : ମୁଁ ଧରା ପୃଷ୍ଠରେ ଜନ୍ମ ନେଲି । ଧରା ପୃଷ୍ଠର ନୂଆ ଆଲୋକ ଦେଖିଲି । ମୋର ବାପା ମା ମୋତେ 'ଅଭିରାମ' ନାମରେ ଡ଼ାକିଲେ । ମୁଁ ବଡ଼ ହେଲି ମୋତେ ପା ବର୍ଷ ହେଲା, ବାପା ବିଦ୍ୟାଳୟକୁ ଯିବାକୁ ମନା କଲା । ମୁଁ ପିଲାଙ୍କ ସହ ଗାଁ ଦାଣ୍ଡରେ ଧୂଳି ମାଟିରେ ଖେଳିଲି ।

ମୋର ସାଙ୍ଗ ବିଦ୍ୟାଳୟକୁ ପାଠ ପଢିବାକୁ ଗଲେ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନରେ ଅଣ୍ଡା ଦିଆ ହେଲା । ତେଣୁ ମୋତେ ସାଙ୍ଗସାଥିରେ ବିଦ୍ୟାଳୟକୁ ଯିବାକୁ ଇଚ୍ଛା ହେଲା । ବେଲ୍ ବାଜିବା ସଙ୍ଗେ ସଙ୍ଗେ ମୁଁ ବିଦ୍ୟାଳୟକୁ ଗଲି ସାଙ୍ଗମାନଙ୍କ ସାଥୀରେ ଧାଇଁ ଧାଇଁ ଯାଇ ପହ ୍ଲି । ସାଙ୍ଗ ମାନଙ୍କ ସାଥିରେ ଦିନ କଟାଇଲି । ବାପା ମା ମୋତେ ଦେଖି ଖୁସିହେଲେ । ମୁଁ ଏବେ ନବମ ଶ୍ରେଣୀ ସରକାରୀ ଉଚ୍ଚ ବିଦ୍ୟାଳୟ ଗୋରଖପୁରରେ ପଢୁଛି । ମୋର ଇଚ୍ଛା ପାଠ ପଢା ସାରି ମୁଁ ଆମ ଗ୍ରାମ ପ ାୟତର ସରପ ହେବି । ଗାଁ ଗାଁ ରେ ଯାହା ଅସୁବିଧା ଥିବ ତାହା ମୁଁ ଦୂର କରି ଦେବି ।

**ଅଭିରାମ ମାଝୀ**
ନବମ ଶ୍ରେଣୀ
ସରକାରୀ ଉଚ୍ଚ ବିଦ୍ୟାଳୟ ଗୋରଖପୁର



## ଆସ ଲଗାଇବା ଗଛ

ପରିବେଶ ଆମ ନିର୍ମଳ ରଖିବା
ଆସ ଲଗାଇବା ଗଛ,
ମୂଳ ପରା ସିଏ ତା ଲାଗି ଜୀବନ
ଆଉ ଯେତେ ସବୁ ପଛ ।
ଗଛ ଦେଇଥାଏ ଦେହକୁ ଆମର
ଭରା ଅମ୍ଳଜାନ ବାୟୁ,
ସେହି ବାୟୁ ଲାଗି ଆମେ ବଂଚିଥାଉ
ବଢି ଚାଲିଥାଏ ଆୟୁ ।
ତା'ର ଫୁଲ ଫଳ ପତ୍ର ଚେର ମୂଳ
ହୁଏ ଭାରି ଦରକାରୀ,
ରୋଗୀର ଔଷଧ ପଥି ଲାଗି ଗଛ
ହୋଇଥାଏ ଉପକାରୀ ।
ତା ଶୀତଳ ଛାଇ ବାଟୋଇ ମନରେ
ବହୁତ ଆନନ୍ଦ ଦିଏ,
ପର କି ଆପଣା ମନରେ ନରଖି
ସଭିଙ୍କୁ କୋଳେଇ ନିଏ ।
ଗଛ ଦିଏ ଦାନା ପିନ୍ଧିବାକୁ କନା
ବାସ ବି ଯୋଗାଏ ସିଏ
ବର୍ଷା ଡ଼ାକି ଆଣି ଫସଲ ବଂଚାଏ
ଚାଷୀକୁ ଭରସା ଦିଏ ।

**ଗୋଲକ ପଧାନ**
ଦଶମ ଶ୍ରେଣୀ, ସରକାରୀ ଉଚ୍ଚ ବିଦ୍ୟାଳୟ, ଫୁଲମ୍ବା

## ଆମେ ଗଛ ଲଗାଇବା

ଗଛଟି ଆମର ଭାରି ଉପକାରୀ
ଦେଉଛୁ ତାହାକୁ କାଟି
ଯେତେ ବୁଝାଇଲେ ବୁଝୁତ ନାହାନ୍ତି
ଆମରି ମଣିଷ ଜାତି ॥
ରୋଗ ହେଲେ ଆମେ ଔଷଧ ଖାଇ
ଦେହକୁ କରୁଛୁ ସୁସ୍ଥ
ଫଳଟିଏ ଫଳି ଗଛ ଡ଼ାଳେ ହସି
କେତେ ଶୋଭା ପାଏ ସତ ॥
ଜାତି କି ଅଜାତି ଅଲଗା ନୁହନ୍ତି
ମିଶିବା ସମସ୍ତେ ଆଜି
ଗଛଟିଏ ସିଏ ଉପକାର କରେ
କେହିନ ପାରନ୍ତି ବୁଝି ॥
ବଢାଇବା ଆମେ ଯତ୍ନ ନେଇ ତାର
ଦେଖାଇବା ସେହି ପଥ
ସମସ୍ତେ ଯେ ମିଶି ଲଗାଇବା ଗଛ
ଏବେ ନେବାରେ ଆମେ ଶପଥ ॥

**ଜ୍ୟୋତିର୍ମୟୀ ନାୟକ**
ନବମ ଶ୍ରେଣୀ
ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ
ଚିଲିଦା, କେନ୍ଦୁଝର



# ଆମ ପରିବେଶ

ଆମ ପରିବେଶ ଅତିସୁନ୍ଦର
ରଖିବା ତାହାକୁ ସଫା ସୁତର ।
ପରିବେଶଟିକୁ ରଖିଲେ ସଫା
ରୋଗ ଦାଉରୁ ରକ୍ଷା ପାଇବା ।
ପରିବେଶଟି ଥିଲେ ସୁନ୍ଦର
ସୁସ୍ଥ ରହିବ ଦେହ ଆମର ।
'ସ୍ୱଚ୍ଛତା ପକ୍ଷ'ର ଏହି ଆହ୍ୱାନ
ସ୍ୱଚ୍ଛ ପରିବେଶ, ସୁସ୍ଥ ଜୀବନ ।
ଏକଥା ସଭିଙ୍କ କାନେ କହିବା,
ସ୍ୱଚ୍ଛ ପରିବେଶ ଗଢି ତୋଳିବା ।
ସ୍ୱଚ୍ଛ ରଖିଲେ ଆମ ପରିବେଶ
ସଭିଙ୍କ ଓଠରେ ଫୁଟିବ ହସ ।
ଆସରେ ସଭିଏଁ ଶପଥ ନେବା,
ଆମ ପରିବେଶ ସ୍ୱଚ୍ଛ ରଖିବା ।

**ଛବିରାଣୀ ନାୟକ**
ଦଶମ ଶ୍ରେଣୀ
ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ
ଚିଲିଦା, କେନ୍ଦୁଝର



# ଆମ ବିଦ୍ୟାଳୟ

ବିଦ୍ୟାଳୟ ଜୀବନ ଗଠନର ଏକ ମହନୀୟ କ୍ଷେତ୍ର । ଏହା ଛାତ୍ରଛାତ୍ରୀ ମାନଙ୍କର ଦ୍ୱିତୀୟ ଗୃହ । ଏଠାରେ ପ୍ରତ୍ୟେକଙ୍କର ଜୀବନ ଓ ଚରିତ୍ର ଗଠନ ହୁଏ । ପ୍ରତ୍ୟେକ ଛାତ୍ରଛାତ୍ରୀ ଶିକ୍ଷକ ଓ ଶିକ୍ଷୟତ୍ରୀଙ୍କ ସଂସ୍ପର୍ଶରେ ଆସି ନିଜକୁ ଖାପଖୁଆଇ ଚଳିବାରେ ଅଭିଜ୍ଞତା ଆହରଣ କରନ୍ତି । ମୋର ନାମ ରାଜୁ ମାଝୀ । ଆମ ବିଦ୍ୟାଳୟର ନାମ ବିଷମଗିରି ଆଶ୍ରମ ବିଦ୍ୟାଳୟ । ଏହି ବିଦ୍ୟାଳୟ ତଳଝାପି ଗ୍ରାମ ପ ାୟତରେ ଥୁଆମୂଳ ରାମପୁର ବ୍ଲକ, କଳାହାଣ୍ଡି ଜିଲ୍ଲାରେ ଅବସ୍ଥିତ ।

ମୁଁ ଆମ ସ୍କୁଲରେ ମୁଖ୍ୟ ମନ୍ତ୍ରୀ ହୋଇଅଛି । ଏହି କ୍ୟାବିନେଟ ବା ମନ୍ତ୍ରୀ ମଣ୍ଡଳ କରିବା ପୂର୍ବରୁ ପ୍ରଧାନ ଶିକ୍ଷକଙ୍କ ସହିତ ତଥା ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀଙ୍କୁ ନେଇ ଗୋଟିଏ ସଭାହୁଏ । ସେହି ସଭାରେ ସବୁକିଛି ଆଲୋଚନା ହୁଏ ।

ଯେ କୌଣସି ଗୋଟିଏ ଦିନରେ ବିଦ୍ୟାଳୟ ମଧ୍ୟରେ ଗୋଟିଏ ମହାସଭା ଉଦଘାଟିତ ହୁଏ । ସେଥି ମଧ୍ୟରୁ ଉପର ଶ୍ରେଣୀର ବାଳକ ଦୁଇଜଣଙ୍କୁ ଓ ବାଳିକା ଦୁଇ ଜଣଙ୍କୁ ଡ଼କାଯାଏ । ସେମାନେ ଛାତ୍ରଛାତ୍ରୀଙ୍କୁ କିଛି କହିବେ । ନିର୍ବାଚନ ସମୟରେ ବାଳକମାନେ ଗୋଟିଏ ଧାଡ଼ି ଏବଂ ବାଳିକାମାନେ ଗୋଟିଏ ଧାଡ଼ି ହୁଅନ୍ତି । ତା'ପରେ ଜଣ ଜଣକୁ କରି ଭିତରକୁ ପଠାନ୍ତି । ତା'ପରେ ସେଠାରେ ଛୋଟିଆ ପେପର ଖଣ୍ଡେ ଦିଆଯିବ ଯିଏ ଯାହାକୁ ଭୋଟ ଦେବା କଥା ଦେବେ ସେମାନେ ସେହି ପେପରଠାରେ ଲେଖି ଗୋଟିଏ ଛୋଟିଆ ଡୁକୁଟିରେ ପୂରାଯାଏ । ତା'ର ଆରଦିନରେ ଭୋଟ ପେପରଗୁଡ଼ିକୁ ଏକାଠି କରି କାହାର ଭୋଟସଂଖ୍ୟା ଅଧିକ ତାହା ଗଣନା କରନ୍ତି । ତା'ପରେ ବିଦ୍ୟାଳୟ ମଧ୍ୟରେ ତଥା ଗ୍ରାମ ପର୍ଯ୍ୟନ୍ତ ପ୍ରଚାର କରି ନିଜର ଆଭିମୁଖ୍ୟ ଓ କାର୍ଯ୍ୟ ପନ୍ଥା ବୁଝାଇ ଦିଅନ୍ତି । ଏହି ଭଳି ଭାବରେ ମୁଖ୍ୟ ମନ୍ତ୍ରୀ ତଥା ଅନ୍ୟସବୁ ମନ୍ତ୍ରୀ ପରିଷଦ ଗଢା ହୁଏ । ତଥା ବିଦ୍ୟାଳୟରୁ ମନ୍ତ୍ରୀ ଆଉ ତା'ର ଉପ ମନ୍ତ୍ରୀଙ୍କ ସହିତ ସେମାନେ ଆଲୋଚନା କରନ୍ତି । ଯେଉଁ ବ୍ୟକ୍ତି ଯେଉଁ ପଦରେ ଥାଏ ତାହାକୁ ସେହି ପଦବୀ ଅନୁଯାୟୀ କାମ କରିବା ଦାୟିତ୍ୱ ଦିଆଯାଏ ।

ସମସ୍ତେ ନିଜନିଜର ଦାୟିତ୍ୱକୁ ସୂଚାରୁ ରୂପେ କାର୍ଯ୍ୟ ସଂପାଦନା କରନ୍ତି । ମୁଁ ମୁଖ୍ୟ ମନ୍ତ୍ରୀ ହେବାପରଠାରୁ ସମସ୍ତ କାର୍ଯ୍ୟଗୁଡ଼ିକୁ ଚାଲୁ ରଖିଛୁ । ଠିକ ସମୟରେ ପାଠପଢିବା ଠିକ ସମୟରେ ଗାଧେଇବା, ଖେଳିବା, ବୁଲିବା ଆଦି କାର୍ଯ୍ୟ ସବୁ ଠିକ ଠିକ ଭାବରେ ବା ସୁରୁଖୁରୁ ଭାବରେ ସମ୍ପାଦନା ହେଉଛି ।

ପ୍ରତ୍ୟେକ ସପ୍ତାହର ଶନିବାର ଦିନ ସଭା ଅନୁଷ୍ଠିତ ହୁଏ । ପ୍ରଥମ ସପ୍ତାହ, ଦ୍ୱିତୀୟ ସପ୍ତାହ ଓ ତୃତୀୟ ସପ୍ତାହର ଶନିବାରରେ ମୁଖ୍ୟ ମନ୍ତ୍ରୀ ଓ ଉପମୁଖ୍ୟ ମନ୍ତ୍ରୀ ବିଦ୍ୟାଳୟର ସମସ୍ତ ହାଲଚାଲ ବୁଝନ୍ତି । ଯଦି ଯେକୌଣସି କାର୍ଯ୍ୟ ସୂଚାରୁ ରୂପେ ହୋଇ ନପାରେ ତେବେ ମୁଁ ସେହି ମନ୍ତ୍ରୀ ମଣ୍ଡଳି ଭାଇଙ୍କୁ ବୁଝେଇ





ସୁଝେଇ କାର୍ଯ୍ୟଗୁଡ଼ିକୁ ସମ୍ପାଦନ କରିବା ପାଇଁ ଆଦେଶ ଦେଇଥାଏ । ମୁଁ ମୁଖ୍ୟମନ୍ତ୍ରୀ ହେବାଠାରୁ ବିଦ୍ୟାଳୟର ସମସ୍ତ ପରିବେଶ ସ୍ୱଚ୍ଛ ଦେଖାଯାଉଛି, ଜଳର ସୁବିଧା, ଆଲୋକର ସୁବିଧା, ଖାଦ୍ୟ ଯୋଗାଇବା ଓ ଶିକ୍ଷା ଆଦି କାର୍ଯ୍ୟଗୁଡ଼ିକ ସବୁ ଠିକ ଠିକ ରୂପେ ସମ୍ପାଦିତ ହେଉଛି । ଯେ କୌଣସି ଜିନିଷର ଅଭାବ ଖେଳରେ ବଲବ୍ୟାଟର, ଶିକ୍ଷାରେ ପଢିବା ପାଇଁ ଆଦି କାର୍ଯ୍ୟ ଗୁଡ଼ିକରେ ଅଭାବ କି ଅସୁବିଧା ଥିଲେ ମନ୍ତ୍ରୀମାନେ ଆସି ମୋତେ ବିଭିନ୍ନ ପାଠ୍ୟପୁସ୍ତକ ଖେଳଣା ଆଦି ଦରକାର କହିଲେ ମୁଁ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ସହିତ କଥାବା ର୍। ହୋଇ ବିଭିନ୍ନ ଜିନିଷପତ୍ର ସବୁ ଆଣି ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀମାନଙ୍କୁ ଯୋଗେଇ ଦେଉଛି । ମୋ ବିଦ୍ୟାଳୟ ପାଇଁ କିଛି ଦାୟିତ୍ୱ ନେଇ କିଛି କରିପାରୁଥିବାରୁ ମୁଁ ଖୁସି ।

**ରାଜୁ ମାଝୀ**
ଥୁଆମୂଳ ରାମପୁର, କଳାହାଣ୍ଡି



# ବିଦ୍ୟାଳୟର ମୁଖ୍ୟମନ୍ତ୍ରୀ

ବିଦ୍ୟାଳୟର ଗୁରୁତ୍ୱ ଅଳ୍ପ ନୁହେଁ । ମୁଁ ମୁଖ୍ୟମନ୍ତ୍ରୀ ହେଲା ପରେ ନିଜ ଗୃହଠାରୁ ମଧ୍ୟ ବିଦ୍ୟାଳୟକୁ ବେଶୀ ଗୁରୁତ୍ୱ ଦେଲି । ଛାତ୍ରମାନେ ଶ୍ରେଣୀ ଗୃହରେ ସମସ୍ତ ନିୟମ ମାନି ଚଳିବାକୁ ଅନୁରୋଧ କଲି ।

ଆମ ବିଦ୍ୟାଳୟରେ ମନ୍ତ୍ରୀମାନଙ୍କ ବିଭାଗ ସାତଟି ଯଥା : ୧. ମୁଖ୍ୟମନ୍ତ୍ରୀ, ୨. ଶିକ୍ଷା ମନ୍ତ୍ରୀ, ୩. ସୂଚନା ଓ ଶିଶୁ ସାମ୍ବାଦିକ ମନ୍ତ୍ରୀ, ୪. ସ୍ୱାସ୍ଥ୍ୟମନ୍ତ୍ରୀ, ୫. ଖାଦ୍ୟ ମନ୍ତ୍ରୀ, ୬. ପରିବେଶ ମନ୍ତ୍ରୀ, ୭. କ୍ରୀଡ଼ା ଓ ସାଂସ୍କୃତିକ ମନ୍ତ୍ରୀ ।

ବିଦ୍ୟାଳୟରେ ପ୍ରତିଦିନ ଖବର କାଗଜ ଆସୁଥାଏ । ସମସ୍ତ ଲେଖା ଭଲ ନଥିବାରୁ ପ୍ରତ୍ୟେକ ଛାତ୍ରଙ୍କୁ ପ୍ରତିଦିନ ପା  ପୃଷ୍ଠା ଲେଖିବେ । ମୁଖ୍ୟ ମନ୍ତ୍ରୀ ପ୍ରତ୍ୟେକ ଦିନ ପ୍ରାର୍ଥନା ସଭାରେ ସାଧାରଣ ଜ୍ଞାନ ପଚାରିବେ । ବିଶେଷ କରି ନବମ ଓ ଦଶମ ଶ୍ରେଣୀ ପାଇଁ ଅଧିକ କୋଚିଙ୍ଗ୍ କ୍ଲାସ ହେବ । ସମସ୍ତ ଛାତ୍ର ୟୁନିଫର୍ମରେ ଆସିବେ ।

ଆମ୍ଭେମାନେ ସମସ୍ତେ ଜାଣିଛୁ, ଆମ ଦେଶରେ ସ୍ୱଚ୍ଛଭାରତ ଗଠନ କରିବା ପାଇଁ ଉଦ୍ୟମ ଚାଲିଛି ତେଣୁ ଆମ ବିଦ୍ୟାଳୟର ସମସ୍ତ ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ସାଧାରଣ ସଦସ୍ୟ ମିଶି ଏକ ସଭା କରିଥିଲି ଗାନ୍ଧୀ ଜୟନ୍ତୀ ପୂର୍ବରୁ ଆମ ବିଦ୍ୟାଳୟକୁ ସିଙ୍ଗିଲ ୟୁଜ ପଲିଥିନ ଓ ପ୍ଲାଷ୍ଟିକ ମୁକ୍ତ କରିଥିଲୁ ।

ପରିବେଶ କିପରି ପ୍ରଦୂଷଣ ନହେବ ଓ ଆମ୍ଭେମାନେ କିପରି ସୁସ୍ଥ ରହିବୁ ତା'ର ପଦକ୍ଷେପ ନେଇ ବିଦ୍ୟାଳୟକୁ ୪ଟି ଡ଼ଷ୍ଟ୍‌ବିନ, ପରିଷ୍କାର ପାଣି ପାଇବା ପାଇଁ ଆକ୍ୱାଗାର୍ଡ଼ର ବ୍ୟବସ୍ଥା ଆଦି ସବୁ କରିଥିଲୁ ଏବଂ ସ୍ୱାସ୍ଥ୍ୟ ପାଇଁ ପ୍ରତିମାସର ପା   ତାରିଖ ଦିନ ସମସ୍ତ ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟ ପରିକ୍ଷା ପାଇଁ ନିକଟସ୍ଥ ଚିକିତ୍ସା ଅଧିକାରୀଙ୍କ ସହିତ ଆଲୋଚନା କରିଥିଲୁ ।

ଛାତ୍ରାବାସରେ ଥିବା ଛାତ୍ରମାନଙ୍କର ପ୍ରାତଃକାଳୀନ ବ୍ୟାୟାମ ଓ ସନ୍ଧ୍ୟାକାଳୀନ ପ୍ରାର୍ଥନା ବିଶେଷ ଉଲ୍ଲେଖ ଯୋଗ୍ୟ । ତେଣୁ ତାହା କରିବା ପାଇଁ କ୍ରୀଡ଼ା ଓ ସାଂସ୍କୃତିକ ମନ୍ତ୍ରୀଙ୍କ ସହିତ ଆଲୋଚନା କରି କାର୍ଯ୍ୟ ଆରମ୍ଭ କରିଛୁ ।

ମୋର ଏହି ବିଦ୍ୟାଳୟ ପାଇଁ ମୁଁ ସର୍ବଦା ଗର୍ବିତ  । ମୁଁ ଏହି ବିଦ୍ୟାଳୟରୁ ଏବର୍ଷ କୃତକାର୍ଯ୍ୟ ହୋଇଗଲେ ଏହାର ପୁରାତନ ଛାତ୍ରସଂଘର ଯୋଗ ଦେବି । ତିନୋଟିଯାକ ସଂଘ ବିଦ୍ୟାଳୟର ତିନୋଟି ପ୍ରଧାନ ଦାୟିତ୍ୱ ବା ି କାର୍ଯ୍ୟ ସୁଗମ କରେ । ଏହାହିଁ ମୋର ବିଶ୍ୱାସ  । ଈଶ୍ୱରଙ୍କଠାରେ ମୁଁ ପ୍ରାର୍ଥନା କରେ, ମୋର ବିଦ୍ୟାଳୟର ଶ୍ରୀବୃଦ୍ଧି ସାଧିତ ହେଉ ଏବଂ ଏହା ବହୁ ଛାତ୍ରଙ୍କର ଅଶେଷ କଲ୍ୟାଣକାରୀ ହେଉ ।

**ମୁକେଶ କୁମାର ମାଝୀ**
ସରକାରୀ ଉଚ୍ଚ ବିଦ୍ୟାଳୟ, କୁରୁଗୁଡ଼ା, କଳାହାଣ୍ଡି




# ଆମ ବିଦ୍ୟାଳୟରେ ମୁଁ ମୁଖ୍ୟମନ୍ତ୍ରୀ ହେବା ପରେ ପରିବର୍ତ୍ତନ

ବିଚିତ୍ର ଭରା ଏ ବିଶାଳ ମହାମଣ୍ଡଳରେ ସୁନାମ ଅର୍ଜିତ ଏବଂ ବିକାଶନ୍ମୁଖୀ ପଦର ମାନ୍ୟତା ପ୍ରାପ୍ତ ଶସ୍ୟଶ୍ୟାମଳା ପରିପୂର୍ଣ୍ଣା, ଅବିସ୍ମରଣୀୟ ଐତିହ୍ୟ ଭରା ଏହି ଆମ ପବିତ୍ର ମାତୃଭୂମି ଭାରତବର୍ଷ । ତା'ମଧ୍ୟରେ ଉତ୍କଳ ତଥା ବର୍ତ୍ତମାନର ଓଡ଼ିଶା ମୋ ପ୍ରଦେଶ ଏବଂ ମୋର ପ୍ରିୟ ଜନ୍ମଭୂମି ନବରଙ୍ଗପୁର । ପ୍ରକୃତରେ ଏ ସମସ୍ତ ମୋର ଜନ୍ମଭୂମି । ଏହାର ବିକାଶ ନିମନ୍ତେ ତଥା ବିକାଶନ୍ମୁଖୀରୁ ବିକଶିତରେ ପରିଣତ କରିବା ନିମନ୍ତେ ଏକ ଶୃଙ୍ଖଳିତ ଶାସନ ବ୍ୟବସ୍ଥା ଏବଂ ଏକତାର ଆବଶ୍ୟକତା ଗୁରୁତ୍ୱପୂର୍ଣ୍ଣ । ଏହି କାର୍ଯ୍ୟ ବାଲ୍ୟକାଳ ବିଶେଷତଃ ବିଦ୍ୟାଳୟଠାରୁ ଆରମ୍ଭ ହୋଇ ଜୀବନର ଶେଷକାଳ ପର୍ଯ୍ୟନ୍ତ ରହିବା ଆବଶ୍ୟକ । ଏହାର ଫଳସ୍ୱରୂପ ବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତି ସହ ବିଦ୍ୟାଳୟ ଏକ ସୁନାଗରିକ ଗଠନ କରିବାରେ ସଫଳ ମଣ୍ଡିତ ହୋଇଥାଏ । ତେଣୁ ଏଥିରେ ମୋର ବିଦ୍ୟାଳୟ ମଧ୍ୟ ପଶ୍ଚାଦ୍‌ମୁଖୀ ହେଲାନାହିଁ । ଆମ ବିଦ୍ୟାଳୟରେ ମଧ୍ୟ ଏକ ଶୃଙ୍ଖଳିତ ଶାସନ ବ୍ୟବସ୍ଥା ରହିଛି ।

ମୁଖ୍ୟତଃ ଆମର ବିଦ୍ୟାଳୟ ସମ୍ବନ୍ଧରେ ବର୍ଣ୍ଣନା କରିବାର ସୁଯୋଗପ୍ରାପ୍ତ ହୋଇଥିବାରୁ ମୁଁ ନିଜକୁ ଭାଗ୍ୟବାନ ମନେକରେ । ଆପଣମାନଙ୍କୁ ଆମ ବିଦ୍ୟାଳୟରେ ମୁଁ ମୁଖ୍ୟମନ୍ତ୍ରୀ ହେବା ପରବର୍ତ୍ତୀ ପରିବର୍ତ୍ତନ ପ୍ରତି ଆକୃଷ୍ଟ କରିବା ନିମନ୍ତେ ମୋର ଏହି ଛୋଟ ପ୍ରୟାସ ।

ନବରଙ୍ଗପୁର ଜିଲ୍ଲା ଅନ୍ତର୍ଗତ ତେନ୍ତୁଳିଖୁଣ୍ଟି ବ୍ଲକର ପୂଜାରୀଗୁଡ଼ା ପଞ୍ଚାୟତ ଅନ୍ତର୍ଭୁକ୍ତ କୁଜାଜାନୀଗୁଡ଼ା ସ୍ଥିତ ଆମ ବିଦ୍ୟାଳୟର ନାମ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ, କୁଜାଜାନୀଗୁଡ଼ା । ଆମର ବିଦ୍ୟାଳୟରେ ଗତ ଜାନୁଆରୀ ମାସରେ ମନ୍ତ୍ରୀମଣ୍ଡଳ ଚୟନ ସମାପ୍ତ ହୋଇଥିଲା ଏବଂ ମୋତେ ତହିଁରେ ମୁଖ୍ୟମନ୍ତ୍ରୀ ଭାବେ ନିଯୁକ୍ତ କରାଯାଇଥିଲା ଏବଂ ଏତଦ୍ ବ୍ୟତୀତ ଅନ୍ୟ ଛଅଗୋଟି ବିଭାଗୀୟ ମନ୍ତ୍ରୀଙ୍କୁ ନିଯୁକ୍ତ କରାଯାଇଥିଲା ।



ସତରେ ଆଜିବି ମୋ ମନରେ ସ୍ପନ୍ଦିତ ହୋଇ ଉଠୁଛି ସେ ଦିନର ପ୍ରାର୍ଥନା ସଭା ରେ ମୁଁ କରିଥିବା ଶପଥ ପାଠ । ମୋ ମନରେ ସେହି ଦିନ ବିଦ୍ୟାଳୟ ପ୍ରତିଥିବା ମୋର କର୍ତ୍ତବ୍ୟର ସୂର୍ଯ୍ୟୋଦୟ ହୋଇଥିଲା । ସେହି ମୁହୂର୍ତ୍ତରୁ ହିଁ ମୁଁ ମୋ ନିଜକୁ ଆମ ବିଦ୍ୟାଳୟର କାର୍ଯ୍ୟରେ ନିଯୁକ୍ତ କରିଥିଲି ।

ବର୍ତ୍ତମାନ ଆମବିଦ୍ୟାଳୟର ପ୍ରତ୍ୟେକଟି କାର୍ଯ୍ୟରେ କିଛି ପରିମାଣରେ ଉନ୍ନତି ଘଟିଛି । ପୂର୍ବରୁ ଆମ ବିଦ୍ୟାଳୟରେ ଖାଦ୍ୟ ସରଣୀ ଅନୁସାରେ ସବୁବେଳେ ଖାଦ୍ୟ ଦିଆଯାଉଥିଲା । ବର୍ତ୍ତମାନ ମଧ୍ୟ ତାହା ହୋଇ ଆସୁଅଛି ଏହା ବ୍ୟତୀତ ପିଲାଙ୍କ ମତ ଅନୁସାରେ ସପ୍ତାହକୁ ଥରେ ଖଟା କିମ୍ବା ଅନ୍ୟାନ୍ୟ ଶିଶୁ ଖାଦ୍ୟ ଉପଯୋଗୀର ପ୍ରସ୍ତୁତ କରିବା ପାଇଁ ବ୍ୟବସ୍ଥା ହୋଇ ପାରିଛି । ପୂର୍ବପରି ଋତୁ ଅନୁଯାୟୀ ପିଲାମାନଙ୍କୁ ସାଧାରଣ ଭାବେ ଯେଉଁ ରୋଗ ଗୁଡ଼ିକର ଆକ୍ରାନ୍ତ ହେବାର ସମ୍ଭାବନା ଥିଲା ତାହା ଦୂର ହୋଇଯାଇଛି ।







କାରଣ ମୁଁ ପରିବେଶ ଓ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସହ ବାର୍ତ୍ତାଳାପ କରି ପରିବେଶର ସ୍ୱଚ୍ଛତା ଉପରେ ଦୃଷ୍ଟିଦେବାରେ ସଫଳ ହୋଇଛି । ଏହା ସହ ବିଗତ ବର୍ଷରୁ ଆମ ବିଦ୍ୟାଳୟ ଥିବା ଗ୍ରାମରେ 'ଜରି ମୁକ୍ତ ଗ୍ରାମ' ଅଭିଯାନରେ ସାମିଲ ହୋଇପାରିଛନ୍ତି । ସ୍ୱାସ୍ଥ୍ୟ କ୍ଷେତ୍ରରେ ମଧ୍ୟ ବେଶ ଉନ୍ନତି ଘଟିଛି, ଯଦି କୌଣସି ପିଲାର କୌଣସି କାରଣ ବଶତଃ ଦେହ ଖରାପ ହୁଏ, ତେବେ ତାର ସମ୍ପୂର୍ଣ୍ଣ ରୋଗ ମୁକ୍ତ ହେବା ପର୍ଯ୍ୟନ୍ତ ତା'ର ସେବାକାର୍ଯ୍ୟ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସହଯୋଗରେ ହୋଇପାରିଛି । ଆମ ବିଦ୍ୟାଳୟ ପାଇଁ ଏକ ଗୌରବର ବିଷୟ ଯେ ବର୍ତ୍ତମାନ ଆମ ବିଦ୍ୟାଳୟର ଭାଇ ଓ ଭଉଣୀମାନେ କ୍ରୀଡ଼ା ଓ ସାଂସ୍କୃତିକ କାର୍ଯ୍ୟର ଅଭ୍ୟାସ ଜାରି ରଖି ଅନ୍ୟବିଦ୍ୟାଳୟ ଭାଇ ଓ ଭଉଣୀମାନଙ୍କ ସହିତ ପ୍ରତିଯୋଗିତା କରିପାରିଛନ୍ତି । ଏହା ମୋର ନେତୃତ୍ୱ ଓ ମୋର ସହଯୋଗୀ କ୍ରୀଡ଼ା ଓ ସାଂସ୍କୃତିକ ମନ୍ତ୍ରୀଙ୍କ ସାହାର୍ଯ୍ୟ କ୍ରମେ ସମ୍ଭବପର ହୋଇପାରିଛି । ବର୍ତ୍ତମାନ ଆମ ବିଦ୍ୟାଳୟରେ ସମସ୍ତ ଶିକ୍ଷାର୍ଥୀ ନିର୍ଭିକତାର ସହ ସମସ୍ତ ପ୍ରଶ୍ନର ସମାଧାନ ଗୁରୁଜନଙ୍କୁ ପଚାରି ପାରୁଛନ୍ତି ଯାହାଦ୍ୱାରା ଶିକ୍ଷା କ୍ଷେତ୍ରରେ ଉନ୍ନତି ଘଟିଛି । ପୂର୍ବରୁ ବିଦ୍ୟାଳୟକୁ ଆସୁଥିବା ଉପରିସ୍ଥ କର୍ମଚାରୀଙ୍କ ସହ ବାର୍ତ୍ତାଳାପ କରିପାରୁନଥିଲେ ଯାହା ବର୍ତ୍ତମାନ ହୋଇ ପାରିଛି । ବର୍ତ୍ତମାନ ବିଦ୍ୟାଳୟରେ ସମସ୍ତେ ଶୃଙ୍ଖଳିତ ସମସ୍ତ ବିତାଇବାରେ ସମର୍ଥ ହୋଇ ପାରିଛନ୍ତି ।

**ବାବୁଲା ହରିଜନ**
ସରକାରୀ ଉନ୍ନିତ ଉଚ୍ଚ ବିଦ୍ୟାଳୟ, ତେନ୍ତୁଲିଖୁଣ୍ଟି, ନବରଙ୍ଗପୁର

# ଆମ ବିଦ୍ୟାଳୟରେ ମନ୍ତ୍ରୀମଣ୍ଡଳ

ମୋର ନାମ ହେଉଛି ଭଗବାନ ସୁରା । ମୁଁ କମକେଡ଼ା ସେବା ଆଶ୍ରମ ବିଦ୍ୟାଳୟର ଜଣେ ଛାତ୍ର । ଆଶ୍ରମ ବିଦ୍ୟାଳୟରେ ନୂତନ ବର୍ଷ ପାଇଁ ଯଥା ୨୦୧୯-୨୦ ନୂଆମନ୍ତ୍ରୀ ମଣ୍ଡଳ ଗଠନ ପାଇଁ ପ୍ରଧାନ ଶିକ୍ଷକ ଛାତ୍ର ଛାତ୍ରୀ ମାନଙ୍କୁ ନୋଟିସ କରି ଜଣାଇଲେ । ମନ୍ତ୍ରୀ ମଣ୍ଡଳ ପାଇଁ ଏପ୍ରିଲ ମାସରେ ଏକ ତାରିଖ ଧାର୍ଯ୍ୟ କରାଗଲା । ଉକ୍ତ ତାରିଖରେ ସମସ୍ତ ଛାତ୍ରଛାତ୍ରୀମାନଙ୍କୁ ଉପସ୍ଥିତ ରହିବା ପାଇଁ ଜଣାଇଦିଆଗଲା । ସେହିଦିନ ସମସ୍ତ ଛାତ୍ରଛାତ୍ରୀମାନଙ୍କୁ ଏବଂ ଶିକ୍ଷକ ଶିକ୍ଷୟତ୍ରୀମାନଙ୍କ ଉପସ୍ଥିତରେ ସଭାକାର୍ଯ୍ୟ ପରିଚାଳନା କରାଗଲା । ସଭାରେ ପ୍ରଧାନ ଶିକ୍ଷକ ସଭାପତିତ୍ୱ କରି ନୂତନ ବର୍ଷର ମନ୍ତ୍ରୀମଣ୍ଡଳ ଗଠନ କରାଯିବାପାଇଁ ଆଦେଶ କଲେ । ଏହି ମନ୍ତ୍ରୀ ମଣ୍ଡଳରେ ବିଭିନ୍ନ ମନ୍ତ୍ରୀ ପଦବୀ ପାଇଁ ଇଚ୍ଛୁକ ଛାତ୍ରଛାତ୍ରୀ ନିଜ ନିଜ ନାମ ପଞ୍ଜିକରଣ କରିବାପାଇଁ କହିଥିଲେ । ମୁଖ୍ୟମନ୍ତ୍ରୀ ପଦବୀ ପାଇଁ ୪ଜଣ, ଶିକ୍ଷା ମନ୍ତ୍ରୀ ପଦବୀ ପାଇଁ ୩ଜଣ, ପରିବେଶ ମନ୍ତ୍ରୀ ପଦବୀ ପାଇଁ ୩ଜଣ, ଖାଦ୍ୟ ମନ୍ତ୍ରୀ ପାଇଁ ୩ଜଣ, କ୍ରୀଡ଼ାମନ୍ତ୍ରୀ ପଦବୀ ପାଇଁ ୬ଜଣ, ସ୍ୱାସ୍ଥ୍ୟ ମନ୍ତ୍ରୀ ପଦବୀ ପାଇଁ ୩ଜଣ ସୂଚନା ମନ୍ତ୍ରୀପାଇଁ ଶିଶୁ ସାମ୍ବାଦିକ ୩ ଜଣ । ଏତିକି ପଦବୀରେ ନାମ ଦେଇଥିଲେ । କିଛିଦିନ ପରେ ବିଦ୍ୟାଳୟରେ ନିର୍ବାଚନ କରାଯାଇଥିଲା । ନିର୍ବାଚନ ସରିଲାପରେ ମୁଁ ହେଲି ମୁଖ୍ୟମନ୍ତ୍ରୀ ଏବଂ ସମସ୍ତ ମନ୍ତ୍ରୀମଣ୍ଡଳକୁ ନେଇ ଲାଗି ପଡ଼ିଲି କାମରେ । ବିଦ୍ୟାଳୟ ଓ ସମାଜର ସେବା କରି ମୁଁ ଖୁସି । ସେବା ହିଁ ଧର୍ମ ।

**ଭଗବାନ ସୁରା**

ଅଷ୍ଟମ ଶ୍ରେଣୀ, ଆଶ୍ରମ ବିଦ୍ୟାଳୟ କମକେଡ଼ା, ନୂଆପଡ଼ା



**କୁମାରୀ ଝାନା ଟୁଡୁ, ସପ୍ତମ ଶ୍ରେଣୀ, ପି.ସି. ପୁର, ମୟୁରଭଞ୍ଜ**

# "ଭଲକାର୍ଯ୍ୟ"

ମୁଁ ମୁଖ୍ୟମନ୍ତ୍ରୀ ହେଲାପରେ ସମସ୍ତ ଛାତ୍ରଛାତ୍ରୀଙ୍କ ସୁବିଧା ଅସୁବିଧା ପାଇଁ ବିଭିନ୍ନ ମନ୍ତ୍ରୀ ପଦରେ ଥିବା ଭାଇ ମାନଙ୍କୁ ନିଜ ନିଜ କାର୍ଯ୍ୟଠିକ ଭାବରେ ସମ୍ପାଦନ କରିବା ପାଇଁ ଏକ ବୈଠକ ଡ଼କାଇ ଥିଲି । ବୈଠକରେ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀଙ୍କ ଉପସ୍ଥିତରେ ସତ୍ୟପାଠ କରା ଯାଇଥିଲା । ସେହି ସତ୍ୟପାଠରେ କୁହାଯାଇଥିଲା ବିଦ୍ୟାଳୟରେ ସମସ୍ତ ପ୍ରକାରର ଭଲକାମ କରିବୁ ।

ବିଦ୍ୟାଳୟ ପରିବେଶ ପାଇଁ ବିଭିନ୍ନ ପ୍ରକାରର ଗଛ ଯଥା – ଅମୃତ ଭଣ୍ଡା, କଦଳୀ, ସଜନା, ପଣସ ଗଛ ଆଦି ବୃକ୍ଷ ରୋପଣ କରାଯାଇଛି । ଏହି ଗଛ ଗୁଡ଼ିକ ଭଲଭାବରେ ବ ଛି । ବିଦ୍ୟାଳୟର ରୋଷେଇ କାମରେ ମଧ ଆସୁଛି । ବିଦ୍ୟାଳୟର ଉତ୍ସବ କାମରେ ମଧ ଆସୁଛି । ବିଦ୍ୟାଳୟର ପରିବେଶ ପରିଚ୍ଛନ୍ନତା ପାଇଁ ଆମେ ନୂଆ ପଦକ୍ଷେପ ନିଆଯାଇଛି । ବିଦ୍ୟାଳୟ ପାଚେରି ମଧରେ କୌଣସି କାଗଜ ଜରି ନ ପକାଇ ଅଳିଆ କୁଣ୍ଡରେ ରଖାଯାଇଛି । ସେହି ଅଳିଆ କୁଣ୍ଡରେ ଯାଇ ପକାଇବା ପାଇଁ ନିଷ୍ପତି ନିଆଯାଇଛି । ଯଦି କୌଣସି ଭାଇ କିମ୍ୱା ଭଉଣୀ କାଗଜ କିମ୍ୱା କିଛି ଚକଲେଟ ଜରି ପକାଇଦେଇଥାନ୍ତି, ତାହେଲେ ଯେଉଁ ଭାଇ ସେହି ଫୋପାଡ଼ିଥିବା କାଗଜ ଚକଲେଟ ଜରିକୁ ଉଠାଇ ନେଇ ମଇଳା କୁଣ୍ଡରେ ପକାଇ ଦେବାପାଇଁ ଏହି ଭଳି ନିୟମଟି ମୁଁ ମୁଖ୍ୟ ମନ୍ତ୍ରୀ ହେଲାପରେ ପରିଚାଳନା କରିଥିଲି ।

ସରକାରୀ ବାଳିକା ବିଦ୍ୟାଳୟ
ମଧୁପୁର, କଳାହାଣ୍ଡି



# ମୁଁ ମୁଖ୍ୟମନ୍ତ୍ରୀ ହେଲା ପରେ

ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଯେମିତି ମୁଖ୍ୟ ସେହିପରି ବିଦ୍ୟାଳୟ କ୍ୟାବିନେଟ ମନ୍ତ୍ରୀ ମାନଙ୍କ ମଧ୍ୟରେ ମୁଖ୍ୟମନ୍ତ୍ରୀ । ସେ ସମସ୍ତ ବିଭାଗର ତଦାରଖ କରନ୍ତି । ମୁଁ ଆମ ବିଦ୍ୟାଳୟର ମୁଖ୍ୟମନ୍ତ୍ରୀ । ମୋ ନାମ ହେମଲତା ମାଝୀ । ଆମ ବିଦ୍ୟାଳୟରେ ମୁଁ ମୁଖ୍ୟମନ୍ତ୍ରୀ ହେଲା ପରେ ନିମ୍ନ ମତେ ସବୁ ବିଭାଗର ପରିବ ର୍ନ ହେଲା;-

୧. **ଶିକ୍ଷା**

ଶିକ୍ଷାମନ୍ତ୍ରୀଙ୍କୁ ପ୍ରଥମେ ବୁଝାଇଲି ଯେ, ବିଦ୍ୟାଳୟର କୌଣସି ଛାତ୍ରୀ ସ୍କୁଲ ସମୟରେ ବୁଲାବୁଲି କରିବେ ନାହିଁ । ପ୍ରାର୍ଥନା ବେଳେ ସମସ୍ତେ ସେଠାରେ ଉପସ୍ଥିତ ରହିବେ । ପାଠ ପଢାରେ ଅବହେଳା କରିବେ ନାହିଁ । ବିଦ୍ୟାଳୟର ସମସ୍ତ ନିୟମ ମାନି ଚଳିବେ । ସନ୍ଧ୍ୟା ସମୟରେ ବାହାରକୁ ଯିବା ଆସିବା କରିବେ ନାହିଁ । ଏହି ପ୍ରକାର ଶିକ୍ଷାମନ୍ତ୍ରୀ ସମସ୍ତଙ୍କୁ ଶିକ୍ଷା ଦେଇଥିଲେ । ତା ପରଦିନ ଠାରୁ ସମସ୍ତେ ନିୟମ ମାନି ଚଳିଲେ । ତାଙ୍କ ପାଠପଢ଼ା ପ୍ରତି ଆଗ୍ରହ ବଢ଼ିଲା । କେହି ମଧ୍ୟ ବୁଲାବୁଲି କଲେ ନାହିଁ ।

୨. **ପରିବେଶ**

ପରିବେଶ ମନ୍ତ୍ରୀ ଯିଏ ପରିବେଶକୁ ସ୍ୱଚ୍ଛ ରଖେ । ସେ ପରିବେଶକୁ ସ୍ୱଚ୍ଛ ଓ ସୁନ୍ଦର ରଖିଲେ । ବିଦ୍ୟାଳୟ ସମ୍ମୁଖରେ ଯେଉଁ ଅନାବନା ଘାସ ରହିଥିଲା ତାକୁ ସଫା କରେଇଲେ । ତାଙ୍କ ପାଇଖାନା, ଗାଧୁଆ ଘର, ତାଙ୍କ ରହିବା କ୍ୱାଟର, ତାଙ୍କ ବିଭିନ୍ନ ଆସବାବ ଜିନିଷ ପତ୍ର ସବୁକୁ ଭଲରେ ରଖିବା ପାଇଁ ଅନ୍ୟ ଛାତ୍ରୀ ମାନଙ୍କ ପ୍ରବ ୀ ଯାଇଥିଲା । ଖାଇବା, ପିଇବା ଠାରୁ ଆରମ୍ଭ କରି ସେମାନେ ତାଙ୍କ ସୁବିଧା ଅନୁଯାୟୀ ସମସ୍ତ କାର୍ଯ୍ୟ ନିର୍ବାହ କରୁଛନ୍ତି । ସମସ୍ତଙ୍କର ପରିବେଶକୁ ସ୍ୱଚ୍ଛ ରଖିବା ପ୍ରତି ମନ ବଳିଲାଣି ।

୩. **ସ୍ୱାସ୍ଥ୍ୟ ଓ ପରିମଳ ମନ୍ତ୍ରୀ**

ସ୍ୱାସ୍ଥ୍ୟ ନିରୋଗ ରହିବାକୁ ହିଁ ସମସ୍ତେ ଚାହାନ୍ତି । ସ୍ୱାସ୍ଥ୍ୟମନ୍ତ୍ରୀ ସମସ୍ତେ କେମିତି ପ୍ରକାର ନିରୋଗ ରହିବେ ସେଥିପ୍ରତି ଧ୍ୟାନ ଦିଅନ୍ତି । ଋତୁ ଅନୁସାରେ ଦେହ, ମନ ଟିକେ ବଦଳିଥାଏ । ତା ମୁତାବକ ସମସ୍ତଙ୍କୁ ସଚେତନ କରାଇବା ହେଲା ସ୍ୱାସ୍ଥ୍ୟମନ୍ତ୍ରୀଙ୍କ କାମ । ଛାତ୍ରୀମାନଙ୍କର ନଖ ପ୍ରାର୍ଥନା ସଭାପରେ ସେ ଦେଖନ୍ତି । ଯାହାର ନଖ ବଢ଼ି ଯାଇଥାଏ ତାହାର ନଖକୁ କାଟି ଦିଅନ୍ତି । ତାଙ୍କ ସ୍କୁଲ ପୋଷାକକୁ ସର୍ବଦା ସଫା ରଖିବେ । ଚୁଟି ଭଲରେ କୁଣ୍ଡାଇବେ, ମୁଣ୍ଡରେ ତେଲ ଲଗେଇବେ ଇତ୍ୟାଦି କାମ ସବୁ ସ୍ୱାସ୍ଥ୍ୟମନ୍ତ୍ରୀ ଶିଖାଇଥିଲେ ।







### ୪. କ୍ରୀଡ଼ା ଓ ସାଂସ୍କୃତିକ ମନ୍ତ୍ରୀ

ବିଭିନ୍ନ ଖେଳକୁ ଆମେ କ୍ରୀଡ଼ା କହୁଛୁ । କ୍ରୀଡ଼ା ମନ୍ତ୍ରୀ ସମସ୍ତ ଛାତ୍ରୀଙ୍କୁ ଭଲ ଖେଳାଉଛନ୍ତି । ବିଭିନ୍ନ ପ୍ରକାର ଖେଳ ସରଞ୍ଜାମ ମଧ୍ୟ ଦେଉଛନ୍ତି ଖେଳିବା ପାଇଁ ଯଥା:- ବ୍ୟାଡ଼ମି ନ, ଦଉଡ଼ି, ସଟ୍‌ଫୁଟ, ଡ଼ିସ୍‌କସ୍ ଥ୍ରୋ, ଭଲିବଲ, ଇତ୍ୟାଦି ସବୁ ଦିଆଯାଉଛି । ସମସ୍ତେ ଖୁସି ମନରେ ଖେଳକୁଦ କରୁଛନ୍ତି । ଖେଳିବା ଦ୍ୱାରା ଆମ ସ୍ୱାସ୍ଥ୍ୟ ଭଲ ରହିଥାଏ । ଦେହ ନିରୋଗ ରହେ । ମନକୁ ଟିକେ ଆରାମ ଲାଗେ ।

### ୫. ଖାଦ୍ୟ ମନ୍ତ୍ରୀ

ଯିଏ ଆମକୁ ଖାଦ୍ୟ ଯୋଗାଏ ସେ ଖାଦ୍ୟମନ୍ତ୍ରୀ । ସମସ୍ତଙ୍କୁ ଭଲ ଭାବରେ ଖାଦ୍ୟ ପରଶିବା କଥା ସେ ତଦାରଖ କରନ୍ତି । ଖାଦ୍ୟ ମନ୍ତ୍ରୀ ଖାଦ୍ୟ ରାନ୍ଧିବା ବେଳେ ବା ତା ପୂର୍ବରୁ ହାଣ୍ଡି ସଫା ଅଛିକି ନାହିଁ ତାହା ଦେଖନ୍ତି, ପନିପରିବାକୁ ସ୍ୱଚ୍ଛ ପାଣିରେ ଧୋଇଛନ୍ତି କି ନାହିଁ ଦେଖନ୍ତି । ଖାଦ୍ୟ ମନ୍ତ୍ରୀ ନିଜ ଦାୟିତ୍ୱ କେମିତି ତୁଲାଇବେ ତାହା ବିଷୟରେ ସେମାନେ ଅବଗତ ହୋଇଛନ୍ତି ।

### ୬. ଶିଶୁ ସମ୍ବାଦିକ ମନ୍ତ୍ରୀ

ଶିଶୁ ସାମ୍ବାଦିକ ମନ୍ତ୍ରୀ ପ୍ରାର୍ଥନା ସଭାପରେ ପ୍ରତ୍ୟେକ ଦିନ ସମ୍ବାଦ ପାଠ କରୁଛନ୍ତି । ବିଭିନ୍ନ ସ୍ଥାନର ସମାଚର ଆମ ସମ୍ମୁଖରେ ପ୍ରକାଶ କରୁଛନ୍ତି ।

**ହେମଲତା ମାଝି**

ମୋ ବିଦ୍ୟାଳୟର ନାମ - ସରକାରୀ ଉନ୍ନିତ ଉଚ୍ଚ ବିଦ୍ୟାଳୟ, ବାଘସିଉନୀ, ନବରଙ୍ଗପୁର । ଏହି ବିଦ୍ୟାଳୟ ୧୯୪୮ ମସିହାରେ ହୋଇଛି ।

ଆମ ବିଦ୍ୟାଳୟରେ ୧ମରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ରହିଛି । ମୋଟ ଛାତ୍ରଛାତ୍ରୀ ସଂଖ୍ୟା - ୪୦୫ ଜଣ ରହି ଏହି ବିଦ୍ୟାଳୟରେ ପାଠ ପଢ଼ୁଛନ୍ତି ।

ଆମ ବିଦ୍ୟାଳୟରେ ପାଠ ପଢ଼ିବା, ଖେଳଖେଳା କରିବା ବହୁତ ଅସୁବିଧା ହେଉଥିଲା । ଆମ ବିଦ୍ୟାଳୟର ଦଶମ ଶ୍ରେଣୀର ପିଲାମାନଙ୍କୁ ବହି ମିଳିନଥିଲା । ସେମାନେ ବହୁତ ଅସୁବିଧାର ସହ ପାଠ ପଢୁଥିଲେ । ଗୋଟିଏ ଦିନ ଦଶମ ଶ୍ରେଣୀର ସମସ୍ତ ଛାତ୍ରଛାତ୍ରୀ ମିଶି ବୈଠକ ବସିଥିଲୁ । ଏହି ବୈଠକରେ ଗୋଟିଏ ମନ୍ତ୍ରୀମଣ୍ଡଳ ଗଠନ କରିବା ପାଇଁ ନିଷ୍ପତି ନେଇଥିଲୁ ଆଉ ମନ୍ତ୍ରୀ ମଣ୍ଡଳ ଗଠନ ପାଇଁ ପ୍ରଧାନ ଶିକ୍ଷକଙ୍କୁ କହିଲୁ । ତା ପରଦିନ ପ୍ରଧାନ ଶିକ୍ଷକ ସମସ୍ତ ଷ୍ଟାଫ୍‌ଙ୍କ ସହ ବୈଠକ କଲେ, ଆଉ ସମସ୍ତେ ଶିକ୍ଷକ, ଶିକ୍ଷୟତ୍ରୀ ଓ ଛାତ୍ରଛାତ୍ରୀ ମିଶି ଗୋଟେ ମହାସଭା ଆୟୋଜନ କରାଯାଇଥିଲା । କିଏ ମୁଖ୍ୟମନ୍ତ୍ରୀ, କିଏ କିଏ ମନ୍ତ୍ରୀ ପଦବୀରେ ଯୋଗ ଦେବେ ସେମାନେ ଓ ଅଫିସରୁମରେ ନାମ ଦିଅନ୍ତୁ ବୋଲି କହିଲେ ଆମେ ଚାରିଜଣ ନାମ ଦେଇଥିଲୁ । ଭୋଟ ହେଲା । ଶପଥ ପାଠ କରାଇଲେ ।

# ସାଉଁଟି ଫୁଲ

ମୁଁ ସମସ୍ତଙ୍କୁ ପଚାରିଲି କ'ଣ କ'ଣ ତୁମର ଅସୁବିଧା ହୋଇଛି । ସେମାନେ କହିଲେ ଦଶମ ଶ୍ରେଣୀର ପିଲାମାନଙ୍କୁ ବହି ଦିଆହୋଇ ନାହିଁ, ସେମାନେ ବହୁତ ଅସୁବିଧାରେ ପାଠପଢୁଛନ୍ତି । ତାଙ୍କ ମାନଙ୍କୁ ବହି ଦିଆଯାଉ, ଆମକୁ ଆଉ ଖେଳ ପଡ଼ିଆ, ବଗିଚା ଇତ୍ୟାଦି ପାଇଁ ବହୁତ ଅସୁବିଧା ହେଉଛି ଆଉ ପରିବେଶ ସଫା ରହୁନାହିଁ ।

ମୁଁ ପ୍ରଧାନ ଶିକ୍ଷକଙ୍କୁ ଏସବୁ ଅସୁବିଧା ବିଷୟରେ ଜଣାଇ, ଦଶମ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ବହି ଯୋଗାଇ ଦେଇଛି । ସେମାନେ ଏବେ ବହୁତ ଭଲ ପାଠ ପଢୁଛନ୍ତି । ଖେଳ ପାଇଁ ଯେତିକି ସବୁ ଦରକାର ସେସବୁ ଯୋଗାଇ ଦେଇଛି ଆମ ସ୍କୁଲର ପିଲାମାନେ ରାଜ୍ୟସ୍ତରୀୟ ଖେଳିବା ପାଇଁ ଯାଇଥିଲେ, ବହୁତ ଭଲ କବାଡ଼ି, ଭଲି, କ୍ରିକେଟ, ଫୁଟବଲ, ଖୋଖୋ ଇତ୍ୟାଦି ଖେଳିଥାନ୍ତି । ଆମ ବିଦ୍ୟାଳୟରେ ବହୁତ ସୁନ୍ଦର ପରିବେଶ ଅଛି । ଆଉ ମୁଁ ଯେଉଁ ଦିନଠୁ ମୁଖ୍ୟମନ୍ତ୍ରୀ ହେଇଛି ସେଇ ଦିନଠୁ ମୋର ଗୋଟିଏ ସୁନ୍ଦର ବଗିଚା କରିବାର ସ୍ୱପ୍ନ ଥିଲା । ସେହି ସ୍ୱପ୍ନ ପୁରା ହେଇଛି । ଶ୍ରେଣୀ ଗୃହ ଆଗରେ ବହୁତ ସୁନ୍ଦର ଗୋଲାପ ବଗିଚା କରିବୁ । ପରିବେଶ ସୁରକ୍ଷା ପାଇଁ ଆମ ବିଦ୍ୟାଳୟକୁ ଡ଼ଷ୍ଟବିନ୍ ଯୋଗାଇ ଦେଇଛି । ଆମ ବିଦ୍ୟାଳୟର ପରିବେଶ ସୁନ୍ଦର ଏବଂ ବହୁତ ସ୍ୱଚ୍ଛ କରି ରଖିବା ପାଇଁ ମୋତେ ଆମ ସ୍କୁଲର ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟତ୍ରୀ ମାନେ ବହୁତ ସାହାଯ୍ୟ କରିଛନ୍ତି । ୧୦ମ ଶ୍ରେଣୀ ପାଇଁ ଭଲ ଜଣେ ଗଣିତ ଶିକ୍ଷକ ନଥିଲେ ମୁଁ ପ୍ରଧାନଶିକ୍ଷକଙ୍କୁ ଜଣାଇଥିଲି, ଭଲ ଗଣିତ ଶିକ୍ଷକ ପାଇଁ ସାର D.W.O ଙ୍କ ସହ କଥା ହୋଇ ଭଲ ଶିକ୍ଷକ ଯୋଗାଇ ଦେଇଛନ୍ତି । ମୁଁ ମୁଖ୍ୟମନ୍ତ୍ରୀ ହେଲା ପରଠୁ ବହୁତ ପରିବ ର୍ନ ହେଇଛି ।

**ପୂର୍ଣ୍ଣ ସାନ୍ତା**

ସରକାରୀ ଉଚ୍ଚ ବିଦ୍ୟାଳୟ, ବାଘସିଉନୀ, ନବରଙ୍ଗପୁର



**ଚନ୍ଦନ ଜାନି, ପ ଡ଼ା ହାଇସ୍କୁଲ, କୋରାପୁଟ**

# ଆମ ବିଦ୍ୟାଳୟ ବିଷୟରେ

ଆମ ବିଦ୍ୟାଳୟର ନାମ ସରକାରୀ ଉଚ୍ଚ ବିଦ୍ୟାଳୟ, ନୂଆପଡ଼ା । ଏହି ବିଦ୍ୟାଳୟ ୧୮୮୩ ମସିହାରେ ସ୍ଥାପିତ ହୋଇଥିଲା । ଏଠାରେ ୫୬୩ ଜଣ ଛାତ୍ରଛାତ୍ରୀ ପଢ଼ନ୍ତି । ଆଠ ଜଣ ଶିକ୍ଷକ ଶିକ୍ଷୟତ୍ରୀ ବିଦ୍ୟାଳୟରେ ପାଠ ପଢ଼ାନ୍ତି । ଆମ ପ୍ରଧାନ ଶିକ୍ଷକଙ୍କ ନାମ ଶ୍ରୀଯୁକ୍ତ ଲଛମନ ମାଝୀ । ବିଦ୍ୟାଳୟ ଆଗରେ ସୁନ୍ଦର ଫୁଲ ବଗିଚାଟିଏ ଅଛି । ଆମ ସ୍କୁଲରେ ଗୋଟିଏ ଅମୃତଭଣ୍ଡା ବଗିଚା ଓ ଗୋଟିଏ ଭଲ ଖେଳପଡ଼ିଆ ଅଛି । ଆମେ ଆମ ବିଦ୍ୟାଳୟ ଖେଳ ପଡ଼ିଆରେ ବିଭିନ୍ନ ପ୍ରକାର ଖେଳ ଖେଳୁ । ଯିଏ ଗଣ୍ଡଗୋଳ କରନ୍ତି ତାଙ୍କୁ ଶିକ୍ଷକଙ୍କ ପାଖକୁ ନିଆଯାଏ ଓ ତାଙ୍କୁ ଭଲ ଭାବରେ ବୁଝାଯାଏ । ଶିକ୍ଷକମାନେ ଆମ ପାଇଁ ଗୁରୁ ଓ ପିଲାମାନେ ଗୁରୁଙ୍କ ଠାରୁ ଶିକ୍ଷା ଲାଭ କରନ୍ତି । ଆମ ବିଦ୍ୟାଳୟ ପାଠାଗାରରେ ବହୁ ଗଳ୍ପ ବହି, ଉପନ୍ୟାସ, ନାଟକ, ପଦ୍ୟ ଏବଂ ବିଭିନ୍ନ ବିଷୟର ବହି ଗୁଡ଼ିକ ରହିଛି । ବହି ଗୁଡ଼ିକୁ ଆଲମାରୀରେ ରଖାଯାଇଛି । ଆମେ ଆମର ଇଚ୍ଛା ଅନୁସାରେ ବହି ଗୁଡ଼ିକୁ ବାଛୁ । ପ୍ରତି ବିଦ୍ୟାଳୟର ଏକ ପାଠାଗାର ଥାଏ କାରଣ ଏହି ଜ୍ଞାନର ବହି ଗୁଡ଼ିକ ଆମର ଜ୍ଞାନକୁ ବଢ଼ାଏ । ପିଲାମାନେ ସକାଳୁ ପା  ଟାରେ ଉଠି ଚ  ଳ ହୋଇ ପାଠ ପଢ଼ନ୍ତି । ଆମେ ଛାତ୍ରାବାସକୁ ସଫା ସୁତୁରା ରଖୁ । ବାଳକମାନଙ୍କ ପାଇଁ ଏଠାରେ ଖଟ-ଚେୟାର ଓ ଟେବୁଲ ରହିଛି । ଆମ ଛାତ୍ରାବାସରେ ଗୋଟିଏ ଖାଇବା ଘର ରହିଅଛି । ଛାତ୍ରାବାସର ପିଲାମାନେ ସେହି ଘରୁ ସେମାନଙ୍କ ଖାଦ୍ୟ ନିଅନ୍ତି । ପିଲାମାନେ ଖାଦ୍ୟ ଖାଇ ସାରିଲା ପରେ ସଫା କରିବାକୁ ଆସନ୍ତି । ଆମ ବିଦ୍ୟାଳୟରେ ମନ୍ତ୍ରୀମଣ୍ଡଳ ଗଢ଼ା ହୋଇଅଛି । ଆମ ବିଦ୍ୟାଳୟରେ ମୁଖ୍ୟମନ୍ତ୍ରୀ ଭାବେ ମୁଁ ରହିଛି । ଅନ୍ୟ ମନ୍ତ୍ରୀମାନେ ବି ଅଛନ୍ତି । ସଫେଇ ମନ୍ତ୍ରୀ, ସ୍ୱାସ୍ଥ୍ୟମନ୍ତ୍ରୀ, କ୍ରୀଡ଼ା ମନ୍ତ୍ରୀ, ପରିବେଶ ମନ୍ତ୍ରୀ ଓ ଆଇନ ମନ୍ତ୍ରୀଙ୍କୁ ନେଇ ମନ୍ତ୍ରୀମଣ୍ଡଳ ଗଢ଼ା ଯାଇଛି । ମୋର କାର୍ଯ୍ୟ ହେଉଛି ମୁଁ ମନ୍ତ୍ରୀ ଭାଇମାନଙ୍କୁ କହିବା ଓ ପ୍ରେରଣା ଦେବା ମୋର କାର୍ଯ୍ୟ । ସଫେଇ ମନ୍ତ୍ରୀଙ୍କର କାର୍ଯ୍ୟ ହେଉଛି ବିଦ୍ୟାଳୟ, ଘର ଓ ବାହାର ଅପରିଷ୍କାର ହୋଇଥିଲେ ତାକୁ ସଫା କରାଇବା । ପିଲାମାନଙ୍କୁ ଜ୍ୱର ଝାଡ଼ା ହୋଇଥିଲେ ସ୍ୱାସ୍ଥ୍ୟ ମନ୍ତ୍ରୀ ଶିକ୍ଷକଙ୍କୁ ଜଣାଇବାକୁ ପ୍ରସ୍ତୁତ ହୁଅନ୍ତି । କ୍ରୀଡ଼ା ମନ୍ତ୍ରୀଙ୍କ କାର୍ଯ୍ୟ ହେଉଛି ଶନିବାର ଦିନ ଡ୍ରିଲ୍ କରାଇବା, ଫୁଟ୍‌ବଲ ଖେଳାଇବା ଓ ଖେଳ ଜିନିଷ ତାହା ଯୋଗାଇବା । ପରିବେଶ ମନ୍ତ୍ରୀଙ୍କ କାର୍ଯ୍ୟ ହେଉଛି ପରିବେଶକୁ ଭଲ ସଫା ସୁତୁରା ରଖିବେ । ଆମ ସ୍କୁଲରେ ଏହି କାର୍ଯ୍ୟ ଭଲ ଭାବରେ ଆମ ବିଦ୍ୟାଳୟରେ ପୁଅ ଝିଅ ମାନେ ଶିକ୍ଷକ ଓ ଶିକ୍ଷୟତ୍ରୀ ମାନଙ୍କୁ ଭଲ ପାଆନ୍ତି । ଆମ ବିଦ୍ୟାଳୟରେ ସମସ୍ତେ ଭାଇ ଭଉଣୀ ପରି ବିଦ୍ୟାଳୟରେ ରହନ୍ତି ।

**ଛବିଲାଲ ମାଝୀ**
ସରକାରୀ ଏସ ଏସ ଡ଼ି ଉଚ୍ଚ ବିଦ୍ୟାଳୟ, ନୂଆପଡ଼ା
ରାଇଘର, ନବରଙ୍ଗପୁର

# ଆକବର ଓ ବୀରବଲ

ମୋଗଲ ସାମ୍ରାଜ୍ୟର ରାଜା ଆକବର । ତାଙ୍କର ମନ୍ତ୍ରୀ ଥିଲେ ବୀରବଲ । ବୀରବଲ ଜଣେ ବୁଦ୍ଧିମାନ ବ୍ୟକ୍ତି । ଆକବରଙ୍କର ଯଦି ମନ ଦୁଃଖଥାଏ ତେବେ ମନ୍ତ୍ରୀ ବୀରବଲ ହସହସ କଥା କହି ହସେଇଥାନ୍ତି । ରାଜା ପ୍ରତ୍ୟେକ ଦିନ ନଗର ଭ୍ରମଣ କରନ୍ତି ।

ଥରେ ରାଜା ନଗର ଭ୍ରମଣ କରି ସାରି ରାଜ ପ୍ରସାଦକୁ ଫେରୁ ଥିଲେ । ଠିକ୍ ଏହି ସମୟରେ ତାଙ୍କର ଗୋଟିଏ ରତ୍ନ ମାଳା ଖସି ପଡ଼ିଲା । ରାଜା ପ୍ରସାଦକୁ ଗଲା ପରେ ସ୍ନାନ କରିବାକୁ ଗଲେ । ସେହି ବାଟରେ ଏକ ଚୋର ଯାଉଥିଲା । ଚୋରଟି ରତ୍ନ ମାଳାଟିକୁ ଦେଖି ତାର ଲୋଭ ବଢ଼ିଗଲା । ତେଣୁ ସେ ନେଇ ଆସିଲା । ତାର ଘର ରାଜାଙ୍କ ପ୍ରାସାଦ ଠାରୁ ଦୂରରେ । ରାଜା ଯେତେବେଳେ ସ୍ନାନ କରିବାକୁ ଗଲେ ସେତେବେଳେ ସବୁ ଅଳଙ୍କାର ରଖିଲାବେଳେ ଦେଖିଲେ ତାଙ୍କର ରତ୍ନ ମାଳାଟି ନାହିଁ ତେଣୁ ସେ ମନ୍ତ୍ରୀଙ୍କୁ ଡ଼କାଇ କହିଲେ – 'ବୀରବଲ୍, ଦେଖ ମୋର ରତ୍ନମାଳାଟି ନାହିଁ । ତାହା ଚୋରି ହୋଇଯାଇଛି । ସେ ଚୋରକୁ ଶୀଘ୍ର ଧର' । ବୀରବଲ୍ ଗାଁ ରୁ ୨୦ ଜଣଙ୍କୁ ଡ଼ାକିଲେ ଓ ସେ ୨୦ ଜଣଙ୍କୁ ଗୋଟିଏ ଲେଖାଏଁ ସ୍ୱର୍ଣ୍ଣ ମୁଦ୍ରା ଦେଇ କହିଲେ – "ଯିଏ ଚୋରି କରିଥିବ, ତାର ସ୍ୱର୍ଣ୍ଣ ମୁଦ୍ରାଟି ହଜିଯିବ ।" ଆଉ ମଧ୍ୟ କହିଲେ "ସମସ୍ତେ ଆସନ୍ତା କାଲି ସ୍ୱର୍ଣ୍ଣମୁଦ୍ରା ଦେଖାଇ ଫେରାଇବ । ଏବେ ତୁମ୍ଭେ ଯାଅ ।" ସେହି କୋଡ଼ିଏ ଜଣଙ୍କ



ମଧ୍ୟରେ ଚୋରଟି ଥିଲା । ସମସ୍ତେ ସ୍ୱସ୍ଥାନକୁ ଗଲେ । ଚୋରଟିର ଲୋଭ ବଢ଼ି ଗଲା ସେହି ସ୍ୱର୍ଣ୍ଣମୁଦ୍ରାକୁ ଦେଖି ଚୋରଟି ସେହି ସ୍ୱର୍ଣ୍ଣ ମୁଦ୍ରାଟିକୁ ତାର ଘରେ ଲୁଚାଇ ରଖି ଦେଲା । ସକାଳ ହେଲା । ରାଜା ସେ କୋଡ଼ିଏ ଜଣଙ୍କୁ ଡ଼ାକିଲେ ବୀରବଲ୍ କହିଲେ ଧାଡ଼ିରେ ଠିଆ ହୁଅ ଏବଂ ସବୁ ସ୍ୱର୍ଣ୍ଣମୁଦ୍ରା ଦେଖାଅ । ସେ ୧ ୯ ଜଣ ସ୍ୱର୍ଣ୍ଣମୁଦ୍ରା ଦେଖାଇଲେ କିନ୍ତୁ ଚୋରଟି ଦେଖାଇଲା ନାହିଁ । ବୀରବଲ୍ ଚୋରଟିକୁ ଧରି ପକାଇ କହିଲେ – ତୁ ହେଉଛୁ ଚୋର ।” ରାଜାଙ୍କ ଆଡ଼କୁ ଚାହିଁ କହିଲେ– ହେ ରାଜନ ଏଇ ହେଉଛି ଚୋର ଏଇ ଆପଣଙ୍କର ରତ୍ନମାଳା ଚୋରି କରିଛନ୍ତି । ଚୋରଟି ତାର ଭୂଲ ବୁଝିଲା ଏବଂ ରାଜାଙ୍କୁ ରତ୍ନମାଳାଟି ଫେରାଇ ଦେଲା । ରାଜା ଏହା ଦେଖି ବହୁତ ଖୁସି ହେଲେ ଓ ବୀରବଲ୍‌ଙ୍କୁ କେତେ ଗୁଡ଼ିଏ ସ୍ୱର୍ଣ୍ଣମୁଦ୍ରା ପୁରସ୍କାର ଦେଲେ । ଚୋରୀ କରିବା ଓ ମିଛ କହିବା ମହାପାପ ।


**ମାନସ ପ୍ରଧାନ**

ଅଷ୍ଟମ ଶ୍ରେଣୀ, ସରକାରୀ ଉଚ୍ଚ ବିଦ୍ୟାଳୟ, ପୁଲମ୍ବା





**ପ୍ରଭାସ ଟୋଇକା,**

ସରକାରୀ ଉଚ୍ଚ ବିଦ୍ୟାଳୟ, ଅତଡ଼ା, ରାୟଗଡ଼ା

# ଭକ୍ତର ଭଗବାନ୍

ଦଶାନନ ରାବଣର ପଦାଘାତ ସହି ବିତାଡ଼ିତ ଓ ଭୟଭୀତ ଭ୍ରାତା ବିଭୀଷଣ ଆତ୍ମରକ୍ଷା ନିମି ଲଙ୍କା ନଗରୀ ତ୍ୟାଗ କରି ଶ୍ରୀରାମଙ୍କର ଶରଣାପନ୍ନ ହୋଇଥିଲେ । ସେତେବେଳେ ଅନୁଜ ଲକ୍ଷ୍ମଣ, ସୁଗ୍ରୀବ, ଜାମ୍ବବାନ, ଅଙ୍ଗଦ ଆଦି ଶତ୍ରୁ ରାବଣର ଭାଇଙ୍କୁ ଆଶ୍ରୟ ଦିଆ ନ ଯାଉ ଶ୍ରୀରାମଙ୍କୁ ଅନୁରୋଧ କଲେ । ପ୍ରଭୁ ଶ୍ରୀରାମଚନ୍ଦ୍ର କାହା କଥା ନ ଶୁଣି ସମୁଦ୍ର ଜଳ ମଗାଇ ପ୍ରଥମେ ବିଭୀଷଣଙ୍କ ରାଜ୍ୟାଭିଷେକ କରାଇ ତାଙ୍କୁ ଅଭୟ ପ୍ରଦାନ କରିଥିଲେ ।

ଗଜେନ୍ଦ୍ର ଗଭୀର ଜଳରେ କୁମ୍ଭୀର ମୁଖରେ ପଡ଼ି ପ୍ରଭୁ ନାରାୟଣଙ୍କୁ ପ୍ରାର୍ଥନା କଲା । ନାରାୟଣ କୁମ୍ଭୀରକୁ ଚକ୍ରରେ ନିଧନ କରି ତା ମୁହଁରୁ ଗଜେନ୍ଦ୍ରର ଗୋଡ଼କୁ ନିଜ ହାତରେ ବାହାର କଲେ । କୁମ୍ଭୀର ଯେ କି ଶାପଗ୍ରସ୍ତ ଗନ୍ଧର୍ବ ଥିଲା, ପ୍ରଭୁଙ୍କ ଦ୍ୱାରା ନିଧନ ହେତୁ ମୁକ୍ତି ଲାଭ କରି ଦିବ୍ୟ ଦେହ ଧରି ସ୍ୱର୍ଗ ଲୋକ ଗମନ କଲେ । ଏହି ସମୟରେ ଗଜେନ୍ଦ୍ର ପଚାରିଲେ, ପ୍ରଭୁ କାହା ଡ଼ାକରାରେ ଆସିଥିଲେ । ପ୍ରଭୁ କହିଲେ ତୁମ ଡ଼ାକରାରେ ଆସିଥିଲି । ଗଜେନ୍ଦ୍ର କହିଲା, ମତେ ଉଦ୍ଧାର କରିବାକୁ ଆସିଥିଲେ କିନ୍ତୁ କୁମ୍ଭୀର ତ ପ୍ରଥମେ ଉଦ୍ଧାର ହୋଇଗଲା । ଆପଣଙ୍କ ହାତରେ ମୃତ୍ୟୁ ଲାଭ କରି ସେ ସ୍ୱର୍ଗଧାମ ପ୍ରାପ୍ତ ହେଲା । ପ୍ରଭୁ କହିଲେ - କ'ଣ କହିବି, ତୁମ ଡ଼ାକରେ ଆସିଥିଲି କିନ୍ତୁ ଯିଏ ମୋ ଭକ୍ତର ପାଦ ଧରିଥିଲା, ତାକୁ ପ୍ରଥମେ ଉଦ୍ଧାର କରିବାକୁ ପଡ଼େ । ଯେହେତୁ କୁମ୍ଭୀର ତୁମ ପାଦ ଧରିଥିଲା, ଭକ୍ତର ମାନରକ୍ଷା କରିବାକୁ ଯାଇ ମତେ ପ୍ରଥମେ ତାଙ୍କୁ ଉଦ୍ଧାର କରିବାକୁ ପଡ଼ିଲା ।



ବାଳକ ଧ୍ରୁବ ମାସ ମାସ କଠୋର ତପସ୍ୟା କରି ଭଗବାନଙ୍କୁ ଦର୍ଶନ କରିବାକୁ ସମର୍ଥ ହୋଇଥିଲେ । କଠୋରଯୋଗାଭ୍ୟାସ ଦ୍ୱାରା ଧ୍ରୁବ ହୃଦୟ ପଦ୍ମ ମଧ୍ୟରେ ଯେଉଁ ଶ୍ରୀହରିଙ୍କ ରୂପକୁ ଦେଖୁଥିଲେ, ତାହା ହଠାତ୍ ତିରୋହିତ ହୋଇଯିବାରୁ ସେ ଆଖି ଖୋଲି ଆଶ୍ଚର୍ଯ୍ୟାନ୍ୱିତ ହୋଇ ଦେଖନ୍ତି ତ ସେହି ମୂର୍ତି ହିଁ ବିରାଜମାନ ହୋଇଛନ୍ତି । ଦୟାଳୁ ଶ୍ରୀହରି ତାଙ୍କର ଜ୍ଞାନମୟ ଶଂଙ୍ଖ ଦ୍ୱାରା ଧ୍ରୁବଙ୍କର କପାଳକୁ ସ୍ପର୍ଶ କଲେ, ଫଳରେ ଦିବ୍ୟବାଣୀ ସମ୍ପନ୍ନ ହୋଇ ପ୍ରଭୁଙ୍କ ସ୍ତୁତି କରିବାକୁ ଲାଗିଲେ । ସ୍ତୁତିରେ ସନ୍ତୁଷ୍ଟ ହୋଇ ପ୍ରଭୁ ତାଙ୍କୁ ଧ୍ରୁବ ଲୋକ ପ୍ରଦାନ କରିଥିଲେ । ଧ୍ରୁବ ପ୍ରଭୁଙ୍କୁ ବିଶୁଦ୍ଧ ହୃଦୟମୟ ଭକ୍ତମାନଙ୍କ ସଙ୍ଗ ପ୍ରଦାନ କରିବାକୁ ପ୍ରାର୍ଥନା କଲେ କିନ୍ତୁ ସେ ଶ୍ରୀହରିଙ୍କ ଠାରୁ ମୋକ୍ଷ ମାଗିପାରି ନଥିବାରୁ ତାଙ୍କର ପଶ୍ଚାତାପ ହେଲା ।

ମହାଭାରତ ଯୁଦ୍ଧରେ ଅସ୍ତ୍ର ନ ଧରିବାର ପ୍ରତିଜ୍ଞା କରିଥିଲେ ଶ୍ରୀକୃଷ୍ଣ । ଭୀଷ୍ମ ଅର୍ଜୁନ ଯୁଦ୍ଧ ବେଳେ ଭୀଷ୍ମ ପ୍ରତିଜ୍ଞା କରିଥିଲେ ଯେ ଯଦି ସେ ଯୁଦ୍ଧ ମଧ୍ୟରେ ଶ୍ରୀକୃଷ୍ଣଙ୍କୁ ଅସ୍ତ୍ର ଧାରଣ କରିବାକୁ ବାଧ୍ୟ ନ କରାଇବେ, ତେବେ ସେ ଶାନ୍ତନୁ ଓ ଗଙ୍ଗା ପୁତ୍ର ନୁହଁନ୍ତି । ଯୁଦ୍ଧରେ ଅର୍ଜୁନଙ୍କ ରଥ ଭୀଷ୍ମଙ୍କ ବାଣରେ ଭାଙ୍ଗିଗଲା । ଶ୍ରୀକୃଷ୍ଣ ଭଗ୍ନରଥର ଚକ୍ର ଧରି ଭୀଷ୍ମଙ୍କୁ ଆକ୍ରମଣ କରିବାକୁ ଦୌଡ଼ିଲେ । ଏହା ଦେଖି ଅର୍ଜୁନ ଶ୍ରୀକୃଷ୍ଣଙ୍କ ପାଦଧରି କହିଲେ ପ୍ରଭୁ ଏ କ'ଣ କରୁଛନ୍ତି, ଅର୍ଜୁନ ମୋର ପ୍ରତିଜ୍ଞା ଅପେକ୍ଷା ମୋର ଭକ୍ତ ଭୀଷ୍ମଙ୍କ ପ୍ରତିଜ୍ଞା ମୋ ପକ୍ଷେ ବଡ଼ । ପିତାମହ ଭୀଷ୍ମ ମତେ ଅସ୍ତ୍ର ନ ଧରାଇଲେ, ସେ ଶାନ୍ତନୁପୁତ୍ର ଗଙ୍ଗାପୁତ୍ର ନୁହଁନ୍ତି ବୋଲି ଶପଥ କରିଛନ୍ତି । ତେଣୁ ମତେ ତାଙ୍କ ପ୍ରତିଜ୍ଞା ରକ୍ଷା କରିବାକୁ ପଡ଼ିବ । ମୋ ଭକ୍ତର ପ୍ରତିଜ୍ଞା ମୋ ପ୍ରତିଜ୍ଞାଠାରୁ ମହ ୍ । ଭକ୍ତର ମାନ ରକ୍ଷା ପାଇଁ ପ୍ରଭୁ ନିଜ ପ୍ରତିଜ୍ଞା ଭଙ୍ଗ କରିଥିଲେ ।


**ଗୁରୁବାରି କାଣ୍ଡିମଆନ୍**

ଅଷ୍ଟମ ଶ୍ରେଣୀ

ପଳାଶବାହାଲୀ ଆଶ୍ରମ ବିଦ୍ୟାଳୟ, କଣିହାଁ, ଅନୁଗୁଳ




**ରଣଜିତ୍ କୁଦାଦା**, ଷଷ୍ଠ ଶ୍ରେଣୀ,

ରାହାଙ୍ଗୋଳ ଆଶ୍ରମ ବିଦ୍ୟାଳୟ, କଟକ

# ତସ୍ମୈ ଶ୍ରୀ ଗୁରବେ ନମଃ

ସେହି ଗୁରୁଙ୍କୁ ମୁଁ ନମସ୍କାର କରୁଅଛି । ସେହି ଗୁରୁ ଅର୍ଥାତ୍ ଯିଏ ଅଖଣ୍ଡମଣ୍ଡଳ ଆକାର ଚରାଚର ବ୍ୟାପ୍ତ ଶ୍ରୀ ଭଗବାନଙ୍କ ପାଦପଦ୍ମ ଦର୍ଶନ କରିଛନ୍ତି ତାଙ୍କୁ ମୁଁ ନମସ୍କାର କରୁଛି । ସେହି ଗୁରୁ ଅଜ୍ଞାନ ଅନ୍ଧକାରରେ ଜ୍ଞାନ ପ୍ରଦୀପ ପ୍ରଜ୍ୱଳନ କରି ଚକ୍ଷୁ ଖୋଲି ଦେଇ ଅଛନ୍ତି । ତାଙ୍କୁ ମୁଁ ନମସ୍କାର କରୁଛି । ସେହି ଗୁରୁ ଅର୍ଥାତ୍ ଯେ ବ୍ରହ୍ମା, ବିଷ୍ଣୁ, ମହେଶ୍ୱର ତଥା ସାକ୍ଷାତ୍ ପରଂବ୍ରହ୍ମ ସଦୃଶ-ତାଙ୍କୁ ମୁଁ ନମସ୍କାର କରୁଅଛି ।

ଗୁରୁ ହିଁ ଅନ୍ଧକାର ଦୂର କରି ଜ୍ଞାନର ଆଲୋକ ବିକିରଣ କରନ୍ତି । ଶାସ୍ତ୍ରରେ ଅନେକ ଗୁରୁ ବାଚକ ଶବ୍ଦ ବ୍ୟବହୃତ ହୋଇଛି । ମାତା, ପିତା, ବ୍ରାହ୍ମଣ, ପୁରୋହିତ, ମନ୍ତ୍ରଦାତା, ଆଚାର୍ଯ୍ୟ, ଅନ୍ନଦାତା,କନ୍ୟାଦାତା ପ୍ରଭୃତି ଗୁରୁ ପଦବାଚ୍ୟ । ଜନ୍ମଦାତା, ମାତାପିତା ହିଁ ଆଦ୍ୟଗୁରୁ । ଜ୍ଞାନଦାତା ଆଚାର୍ଯ୍ୟ ହେଉଛନ୍ତି ଶିକ୍ଷାଗୁରୁ । ମନ୍ତ୍ରଦାତା ଆଚାର୍ଯ୍ୟ ହେଉଛନ୍ତି ଦୀକ୍ଷାଗୁରୁ । ଯାହାଙ୍କଠାରୁ ଶିକ୍ଷା ଗ୍ରହଣ କରାଯାଏ ସେ ଗୁରୁ । ଭଗବତରେ ଅବଧୂତ ପିଙ୍ଗଳା ବେଶ୍ୟା, ବ୍ରାହ୍ମଣ କନ୍ୟା, ଅଜଗର ଠାରୁ ମହୁମାଛି ପର୍ଯ୍ୟନ୍ତ ବିଭିନ୍ନ ଚବିଶି ଜଣଙ୍କଠାରୁ ଶିକ୍ଷା ଗ୍ରହଣ କରିଥିଲେ । ଏମାନେ ସଭିଏଁ ଥିଲେ ଗୁରୁ ।

ପ୍ରାଚୀନ ଭାରତ ବର୍ଷରେ 'ଗୁରୁ' ଶିକ୍ଷାଦାତା ଅର୍ଥରେ ଚିହ୍ନିତ ହେଉଥିଲେ । ଗୁରୁଙ୍କୁ କୁହାଯାଉଥିଲା ଆଚାର୍ଯ୍ୟ ସେଇ ହିଁ ଆଚାର୍ଯ୍ୟ, ସେଇ ହିଁ ଗୁରୁ, ଗୁରୁ ହେଉଛନ୍ତି ଜ୍ଞାନ ଗଙ୍ଗାର ଗନ୍ତାଘର । ଆଚାର୍ଯ୍ୟ ଉପଦେଶ ଦେଇଥାନ୍ତି "ମୋର ଉ ମ ଆଚରଣ ଅନୁସରଣ କର" ଗୁଣର ଅନୁସରଣ କର, ଦୋଷର ନୁହେଁ । ଯେ କେହି ଛାତ୍ର ହୋଇ ନ ପାରନ୍ତି, କେବଳ ବ୍ରହ୍ମଚାରୀ ହିଁ ଛାତ୍ର । ଅହିଂସା, ଅସ୍ତେୟ, ବ୍ରହ୍ମଚର୍ଯ୍ୟ ଓ ଅପରିଗ୍ରହ ହେଉଛି ବ୍ରହ୍ମଚାରୀ ଛାତ୍ରର ବୀଜମନ୍ତ୍ର । ବ୍ରହ୍ମଚାରୀ ଛାତ୍ରର ଜୀବନ ଆରମ୍ଭ ହେଉଥିଲା ତ୍ୟାଗରେ । ତା'ପରେ ଗାର୍ହସ୍ଥ୍ୟର ଭୋଗୀ ଜୀବନ । ଭୋଗ ପରେ ପୁଣି ତ୍ୟାଗ-ଆରମ୍ଭ ହେଉଥିଲା । ବାନପ୍ରସ୍ଥୀ ଜୀବନ ବ୍ରହ୍ମଚାରର ଶିକ୍ଷା ଓ ସାଧନା, ଗାର୍ହସ୍ଥ୍ୟର ସଂସାର ଅନୁଭୂତି ବାନପ୍ରସ୍ଥି ମଣିଷଙ୍କୁ ଉ ମ ଗୁରୁରେ ରୂପାନ୍ତିତ କରୁଥିଲା । ଯେ ଶିକ୍ଷା ଉପଯୁକ୍ତ ଭାବରେ ପାଇଥାଏ, ସେ ହିଁ ପରବ ୀ କାଳରେ ଉପଯୁକ୍ତ ଶିକ୍ଷକ ହୋଇ ଶିକ୍ଷାଦାନ କରିବା ପାଇଁ ସାମର୍ଥ୍ୟ ଲାଭ କରିପାରେ ।



ବାନପ୍ରସ୍ଥ ବା ସନ୍ନ୍ୟାସ ଜୀବନଯାପନ କାଳରେ ଗୁରୁକୁଳ ଆଶ୍ରମ ସ୍ଥାପିତ ହେଉଥିଲା । ଅଭିଜ୍ଞ ମନୁଷ୍ୟ ଜ୍ଞାନଦାନ କରୁଥିଲା । କେବଳ ଜ୍ଞାନର ଆହରଣ ଓ ବିତରଣ ଭିତରେ ବୁଡ଼ି ରହୁଥିଲେ ଗୁରୁ । ନିଜର ସ ୍ତ ଉପଲବ୍ଧିକୁ ନିଃସଂକୋଚରେ ଦାନ କରି ଦେବାରେ ଗୁରୁଙ୍କ ମହ ୍ୱ ପ୍ରତିପାଦିତ ହେଉଥିଲା । ଅର୍ଥାତ୍ ଗୁରୁ ସବୁଠାରେ ଜୟ ଅନ୍ୱେଷଣ କଲେ ହେଁ ଶିଷ୍ୟଠାରୁ ପରାଜୟ ଇଚ୍ଛା ପୋଷଣ କରୁଥିଲେ । ଛାତ୍ରଙ୍କୁ ନିଜଠାରୁ ବଡ଼ ଦେଖିବାର ହିଁ ଗୁରୁଙ୍କ ଥିଲା ମହନୀୟତା । ଯଥାର୍ଥରେ ଏପରି ଛାତ୍ରବତ୍ସଳ ଗୁରୁହିଁ ଥିଲେ ବନ୍ଧୁ, ଦାର୍ଶନିକ ଓ ମାର୍ଗଦର୍ଶକ ।

'ଗୁରୁ' ହେଉଛନ୍ତି ଜ୍ଞାନର ଭଣ୍ଡାର । ଗୁରୁକୁଳ ଥିଲା ମଣିଷ ନିର୍ମାଣୀ ଗୃହ । ଗୁରୁ ଆଶିଷ ଦେଉଥିଲେ "ମନୁର୍ଭବା" ଅର୍ଥାତ୍ ମନୁଷ୍ୟ ହୁଅ, ଉପଯୁକ୍ତ ଗୁରୁ ଓ ଉପଯୁକ୍ତ ଶିଷ୍ୟ । ଗୁରୁହିଁ କୁମ୍ଭକାର ପରି ଶିଷ୍ୟର





ବାହର ଓ ଭିତରକୁ ଗଢି ତୋଳୁଥିଲେ କୁମ୍ଭପରି । ବାହାରେ କୁମ୍ଭକାର କୁମ୍ଭକୁ ପିଟି ଯେପରି ରୂପ ଦିଏ, ସେପରି ଗୁରୁ ଉପଯୁକ୍ତ ଅନୁଶାସନ ଦ୍ୱାରା ଶିଷ୍ୟକୁ ଗଢିବାରେ ଲାଗନ୍ତି । କୁମ୍ଭକାର କୁମ୍ଭ ଭିତରେ ହାତ ରଖିଲା ପରି ଗୁରୁ ଶିଷ୍ୟକୁ ଉପଯୁକ୍ତ ସାହାରା ଦେଇ ତାହାର ଚରିତ୍ର ନିର୍ମାଣ କରିବାରେ ସତତ ଯତ୍ନବାନ୍ ହୁଅନ୍ତି ।

ଏବେ ଆଉ ଗୁରୁକୁଳ ନାହିଁ । ଗୁରୁ ନାହାଁନ୍ତି କି ଶିଷ୍ୟ ନାହାଁନ୍ତି । ଆଜି ଅଛି ପାଶ୍ଚାତ୍ୟ ଶୈଳୀର ଶିକ୍ଷାୟତନ, ଶିକ୍ଷକ ଓ ଶିକ୍ଷାର୍ଥୀ । ଶିକ୍ଷାୟତନ ଗୁଡ଼ିକ ମଣିଷ ତିଆରି କାରଖାନା । ପୂର୍ବେ ଗୁରୁକୂଳ ଆଶ୍ରମ ନିବିଡ଼ ଅରଣ୍ୟରେ ସ୍ଥାପିତ ହେଉଥିଲା । ସେଥିପାଇଁ ସେଠାରେ ଥିଲା ଜ୍ଞାନାର୍ଜନର ପରିବେଶ । ଏବେ ଶିକ୍ଷାନୁଷ୍ଠାନ ଜନ୍ମ ନେଉଛି ସାଧାରଣଠୁ ଅସାଧାରଣ, ବୈଷୟିକ ଓ ଜ୍ଞାନ-ବିଜ୍ଞାନ ଭି ିକ ଶିକ୍ଷାନୁଷ୍ଠାନ । ପୂର୍ବେ ବ୍ରହ୍ମଚାରୀ ଛାତ୍ର ଶିକ୍ଷା ସମାପ୍ତ କରି ଗାର୍ହସ୍ଥ୍ୟ ଜୀବନରେ ପ୍ରବେଶ କରୁଥିଲା । ଏବେ ଛାତ୍ର କୌଣସି ପ୍ରକାରେ ପ୍ରମାଣପତ୍ର ଯୋଗାଡ଼ କରି ବେକାରୀ ଖାତାରେ ନାମ ଲେଖାଉଛି । ପୂର୍ବେ ଶିକ୍ଷାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଜ୍ଞାନାର୍ଜନ, ଏବର ତଥ୍ୟ ତାହା ବ୍ୟବହାରରେ ପରିବ ର୍ନ । ପୂର୍ବେ ଗୁରୁମାନେ ଶିକ୍ଷାଦାନ କରୁଥିଲେ । ଗାର୍ହସ୍ଥ୍ୟ ଜୀବନ ପରେ ଆଉ ସେମାନଙ୍କର ଲୋଭ ମୋହ ନଥିଲା । ବାନପ୍ରସ୍ଥୀ ଗୁରୁ ସନ୍ନ୍ୟାସୀର ଜୀବନ ବ ୁଥିଲେ । ମାତ୍ର ଶିକ୍ଷା ଏବେ ଏକ ବୃ ି ବା ବ୍ୟବସାୟ । ଇଏ ଏକ ବିଡମ୍ବନା କି ?

**କୃଷ୍ଣ ଆଲଡ଼ା**

ଅଷ୍ଟମ ଶ୍ରେଣୀ, ପଳାଶବାହାଲୀ ଆଶ୍ରମ ବିଦ୍ୟାଳୟ, କଣିହାଁ, ଅନୁଗୋଳ



# ବିଲୁଆର ବୁଦ୍ଧି

ପୂର୍ବକାଳରେ ବାରାଣାସୀରେ ରାଜା ବ୍ରହ୍ମଦ   ରାଜତ୍ୱ କରୁଥିଲେ । ସେହି ସମୟରେ ବୋଧିସ ୍ୱ ବାରାଣାସୀର ମହାଶ୍ମଶାନ ମଧ୍ୟରେ ଗୋଟିଏ ବୃକ୍ଷ ରୂପରେ ଜନ୍ମଗ୍ରହଣ କରିଥିଲେ । ସେହି ଶ୍ମଶାନକୁ ପ୍ରତ୍ୟହ କେତେକ ମୃତ ଦେହ ସଂସ୍କାର ଉଦ୍ଦେଶ୍ୟରେ ଆସେ । ସେ ସବୁ ମୃତ ଦେହ ଦେଖି ସେମାନଙ୍କର ସ୍ୱଭାବ ଚରିତ୍ର କିପରି ଥିଲା, ତାହା ଉକ୍ତ ବୃକ୍ଷ ଜାଣିପାରେ । ଜୀବନକାଳରେ କି ପାପ କଲା ମଲାପରେ ତାହାର ଉପଯୁକ୍ତ କି ପ୍ରକାର ଶାସ୍ତି ମିଳେ, ସେ ବିଷୟ ବୃକ୍ଷକୁ ଉ  ମ ରୂପେ ଜଣାଥିଲା ।

ଥରେ ଗୋଟିଏ ମହାପାତକୀର ମୃତଦେହ ତାହାର ଜ୍ଞାତିବନ୍ଧୁମାନେ ଦାହ କରିବାକୁ ଆଣିଲେ  । ଯେତେ ଚେଷ୍ଟା କଲେ ମଧ୍ୟ ପାତକୀର ଦେହ ଭସ୍ମ ହେଲା ନାହିଁ । ଜ୍ଞାତିକୁଟୁମ୍ବ ବିରକ୍ତ ହୋଇ ଶ୍ମଶାନରୁ ଚାଲିଯିବାରୁ ଶାଗୁଣା, ବିଲୁଆ ଆନନ୍ଦରେ ସେ ମାଂସକୁ ଖାଇଲେ । ଗୋଟିଏ ବିଲୁଆ ସେ ମାଂସ ଖାଇ ଅତିଶୟ ଲୋଭାତୁର ହୋଇପଡ଼ିଲା । ସେ ଭାବିଲା, "ଏ ମୃତଦେହ ଯେଉଁ ଜନପଦରୁ ଆସିଅଛି, ସେଠାକୁ ଗଲେ ମୁଁ ଏହିଭଳି ବହୁତ କିଛି ସୁଖାଦ୍ୟ ଜୀବନଯାକ ଖାଉଥିବି ।" ଏହା ଭାବି ରାତ୍ର ସମୟରେ ସେ ଉକ୍ତ ଗ୍ରାମକୁ ଗଲା । ମାତ୍ର ଗ୍ରାମରେ ତ ଶ୍ମଶାନ ନାହିଁ । କୌଣସି ପ୍ରକାର ଶବ ସେଠାରେ ପଡ଼ିନଥାଏ । ତେଣୁ ଶୃଗାଳ କିଛି ହେଲେ ଖାଇବାକୁ ପାଇଲା ନାହିଁ । ବହୁ ସ୍ଥାନ ବୁଲିବୁଲି ସେ ଗୋଟିଏ ବ୍ରାହ୍ମଣ ଘରେ ପହ ୍ଗଲା । ବ୍ରାହ୍ମଣ ସେଦିନ ବନ୍ଧୁ ଘରକୁ ନିମନ୍ତ୍ରଣ ଖାଇବାକୁ ଯାଇଥିଲେ । ବ୍ରାହ୍ମଣୀ ଯେ ଅନ୍ନବ୍ୟଞ୍ଜନ ରାନ୍ଧିଥିଲେ, ତାହା ସେହିପରି ଥୁଆ ହୋଇ ରହିଥିଲା । ଶୃଗାଳ ଏତେ ଗୁଡ଼ାଏ ସୁଖାଦ୍ୟ ପାଇ ଆନନ୍ଦରେ ଖାଇବାକୁ ଲାଗିଲା । ଖାଉ ଖାଉ ସେ ଏତେ ବେଶୀ ଖାଇଦେଲା ଯେ, ଆଉ ଉଠି ଚଳପ୍ରଚଳ ହେବାକୁ ବଳ ପାଇଲା ନାହିଁ । ତେଣୁ ସେହିଠାରେ ହିଁ ସେ ଶୋଇ ରହିଲା । କ୍ରମେ ରାତି ପାହି ଦିନ ହେଲା । କାଉମାନଙ୍କ କା କା ରାବରେ ବିଲୁଆର ଗାଢ ନିଦ ଭାଙ୍ଗିଗଲା । ସେ ଉଠି ଦେଖିଲା, ମନୁଷ୍ୟମାନେ ପଦାରେ ଚଳପ୍ରଚଳ ହେଲେଣି । ଏତେବେଳେ ସେ ପଦାକୁ ବାହାରିଲେ ତାକୁ ପିଟିପିଟି ମାରି ପକାଇବେ । ତେଣୁ କି ଉପାୟରେ ସେ ଏ ବିପଦରୁ ଉଦ୍ଧାର ପାଇବ, ସେହି ବିଷୟ ହିଁ ଚିନ୍ତା କରିବାକୁ ଲାଗିଲା । କିଛି ସମୟ ପରେ ବ୍ରାହ୍ମଣ ସେହି ଘର ପାଖ ଦେଇ ଯାଉଥିଲେ । ବିଲୁଆ ମନୁଷ୍ୟ କଣ୍ଠରେ ତାଙ୍କୁ ଡ଼ାକ ପକାଇଲା । କହିଲା, "ହେ ଭାଗ୍ୟବାନ୍ ବ୍ରାହ୍ମଣ ! ଶୁଣ, ଶୁଣ ।" ଘର ମଧ୍ୟରୁ ଶବ୍ଦ ଆସୁଥିବାର ଶୁଣି ବ୍ରାହ୍ମଣ ସେଠାକୁ ଗଲେ  । ତାଙ୍କ ପବିତ୍ର ରୋଷଶାଳାରେ ଗୋଟିଏ ବିଲୁଆ ଦେଖିଲେ । ରାଗରେ ତାକୁ ପିଟିବା ଲାଗି ଗୋଟିଏ ବଡ଼ ଠେଙ୍ଗା ଧଇଲେ । ବିଲୁଆ ପୂର୍ବପରି କହିଲା, "ବ୍ରାହ୍ମଣ ! ତୁମର ଦୁଃଖକଷ୍ଟ ସହି ନପାରି ମୁଁ ତୁମର ଉପକାର କରିବାକୁ ଏଠାକୁ ଆସିଅଛି । ତୁମେ ମୋର ନିର୍ଦ୍ଦେଶ ମୁତାବକ କାର୍ଯ୍ୟ କର । ଦୁଇ ହଜାର କାଷପିଣ (ପୂର୍ବକାଳର ସ୍ୱର୍ଣ୍ଣମୁଦ୍ରା) ଆଜି ପାଇଯିବ । ଦୁଇ ହଜାର କାଷପିଣ ମିଳିବ ବୋଲି ଶୁଣି ବ୍ରାହ୍ମଣଙ୍କ କ୍ରୋଧ ଶାନ୍ତ ପଡ଼ିଗଲା । ସେ ବିଲୁଆକୁ ଚାହିଁ ପଚାରିଲେ, "ମୋତେ କଅଣ କରିବାକୁ ହେବ କୁହ; ସାଙ୍ଗେ ସାଙ୍ଗେ







ସେ କାର୍ଯ୍ୟ ମୁଁ କରିବି ।” ବିଲୁଆ କହିଲା, “ତୁମେ ମୋତେ ତୁମ ଚାଦରରେ ପୂରାଇ ଏ ଗ୍ରାମର ଶେଷ ସୀମାକୁ ନେଇଯାଅ । ସେହିଠାରେ ହିଁ ମୁଦ୍ରାସବୁ ଗୁପ୍ତ ସ୍ଥାନରେ ରଖାଯାଇଛି । ମୁଁ ସେ ସ୍ଥାନ ଦେଖାଇ ଦେଲେ ତୁମେ ତାହା ନିଜ ଘରକୁ ଘେନି ଆସିବ । ବ୍ରାହ୍ମଣ ଖୁସି ହୋଇ ନିଜର ଚାଦର ତଳେ ପକାଇଲେ । ବିଲୁଆ ତା’ ଉପରେ ନିଶ୍ଚିନ୍ତରେ ଶୋଇ ପଡ଼ିଲା । ବ୍ରାହ୍ମଣ ତାହା କାନ୍ଧରେ ପକାଇ ଗ୍ରାମ ବାହାରକୁ ଯିବାକୁ ବାଟ ଚାଲିଲେ । ବହୁଦୂର ଗଲାପରେ ଚାଦର ମଧ୍ୟରୁ ବିଲୁଆ ପଚାରିଲେ, ‘ଏ କେଉଁ ସ୍ଥାନ ? ବ୍ରାହ୍ମଣ ଉ ର ଦେଲେ, ଏହା ଜନପଦର ଶେଷ ସୀମା । ବିଲୁଆ କହିଲା, ଆଉ କିଛି ବାଟ ଯାଅ । ବ୍ରାହ୍ମଣ ଧନ ଲୋଭରେ ପୁଣି ଚାଲିଲେ । ସେ କ୍ଳାନ୍ତ ହୋଇ ପଡ଼ିଥିଲେ ମଧ୍ୟ ଦୁଇ ହଜାର ସ୍ୱର୍ଣ୍ଣମୁଦ୍ରା ଲାଭ ଆଶା ତାଙ୍କୁ ବେଶୀ ବଳ ହେଉଥାଏ । ଅତି ଟାଣ ଖରା ତାତିରେ ଦେହ ମୁଣ୍ଡ ପୋଡ଼ି ଯାଉଥାଏ । କାନ୍ଧରେ ପୁଣି ଶକ୍ତ ବୋଝ । ବ୍ରାହ୍ମଣଙ୍କୁ ଏ ସବୁ କଷ୍ଟ ଆଦୌ ବାଧୁନଥାଏ । ବ୍ରାହ୍ମଣ ଚାଲି ଚାଲି ଯାଇ ଶ୍ମଶାନରେ ପହ ୍ଲେ । ବିଲୁଆ ଡ଼ାକି କହିଲା, ବ୍ରାହ୍ମଣ ଏ କେଉଁ ସ୍ଥାନ ? ବ୍ରାହ୍ମଣ ଉ ର ଦେଲେ, ଏ ଶ୍ମଶାନ । ନିଜ ବାସସ୍ଥାନ ହୋଇଗଲାଣି ବୁଝିପାରି ସେ କହିଲା ଏହିଠାରେ ମୋତେ ଛାଡ଼ି ଦିଅ, ମୁଁ ମୁଦ୍ରା ଥିବା ସ୍ଥାନ ତୁମକୁ ଦେଖାଇଦେବି । ବ୍ରାହ୍ମଣ ବିଲୁଆ କଥାରେ ବିଶ୍ୱାସ କରି ସେହିଠାରେ ତାକୁ ଓହ୍ଲାଇ ଦେଲେ । ଚାଦର ତଳେ ରଖି ଫିଟାଇ ଦେବାରୁ ବିଲୁଆଟି ଡ଼ିଆଁମାରି ଅରଣ୍ୟ ମଧ୍ୟକୁ ପଳାଇଗଲା । ଯିବା ସମୟରେ କହୁଥାଏ, ତୁମ ଚାଦରରେ କାଷପିଣ ରହିଅଛି, ପରୀକ୍ଷା କରି ଦେବ । ବ୍ରାହ୍ମଣ ଚାଦର ଭଲରୂପେ ଫିଟାଇ ଦେବାରୁ ଦେଖିଲେ ଯେ ତହିଁରେ ଦୁଷ୍ଟ ବିଲୁଆ ମଳତ୍ୟାଗ କରିଅଛି । ତାହା ଦେଖି ତାଙ୍କ ମନରେ ବଡ଼ ଦୁଃଖ ହେଲା । ଲୋଭର ବଶବ ୀ ହୋଇ ଛାର ବିଲୁଆ କଥାରେ ବିଶ୍ୱାସ କରିଥିବାରୁ ସେ ଅନୁତାପ କରିବାକୁ ଲାଗିଲେ । ସେହି ସମୟରେ ବୃକ୍ଷ ରୂପୀ ବୋଧସ ୍ ଗାଥା ଗାଇଥିଲେ –



ହେ ଲୋଭୀ ବ୍ରାହ୍ମଣ । ତୁମେ ହୋଇଲକି ବାଇ ?
ବିଲୁଆ ବଚନ କଲ ବିଶ୍ୱାସ କି ପାଇଁ ?
ତୁମ ଖାଦ୍ୟ ଖାଇ, ଶୋଇ ତୁମ ରୋଷ ଘରେ,
ଅରଣ୍ୟେ ଫେରିଲା ବସି ତୁମ ପିଠିପରେ ।
ମୁଦ୍ରା କେଉଁ ପରି ଦିନେ ଯେହୁଁ ଦେଖି ନାହିଁ
କାଷପିଣ ଦେବି ବୋଲି ଆଣିଲା ଭୁଲାଇ ।
ମୂର୍ଖକୁ ବିଶ୍ୱାସ କରି ପାଇଲ ଏ ଫଳ,
କାଷପିଣ ବଦଳରେ ଦେଲା ତାର ମଳ ।’

**ଶ୍ରୀ ଅନୀଲ କାର୍ଜୀ**
ସପ୍ତମ ଶ୍ରେଣୀ
ନାଇକାଣି ପାଲି ଆଶ୍ରମ ସ୍କୁଲ, ଅନୁଗୋଳ

# ଶିଶୁର ମନ

ଶିଶୁ ସ୍ରଷ୍ଟାଙ୍କର ଅନବଦ୍ୟ ସୃଷ୍ଟି । ତାରି ଭିତରେ ଭରି ରହିଛି ସ୍ନେହ ଶ୍ରଦ୍ଧା, ଭକ୍ତି, କରୁଣା ପରି ଅନେକ ଦିବ୍ୟଗୁଣ, ଶିଶୁଟିଏ କୋମଳ ହୃଦୟ ସ୍ପର୍ଶୀ ଓ ମନମୁଗ୍ଧକର । ତେଣୁ ଯେ, କେହି ଲୋକ ଶିଶୁଟିଏ ଦେଖିଲେ କୋଳେଇ ନିଏ, ଗେଲ କରେ । ଉଭୟେ ଆନନ୍ଦର ଶେଷ ସୀମାରେ ଉପନୀତ ହୋଇଯାନ୍ତି । ଶିଶୁଟି ଧରିଥିବା ଲୋକଟିକୁ ଚାପୁଡ଼ା ମାରେ, ବିଧାମାରେ ରାମ୍ପୁଡ଼ି ମଧ୍ୟ ଦିଏ । କିନ୍ତୁ ଧରିଥିବା ଲୋକଟି ଶିଶୁର ଏପ୍ରକାର ବ୍ୟବହାରରେ ଅତିଷ୍ଠ ନହୋଇ ଆନନ୍ଦ ଅନୁଭବ କରେ । ଲୋକଟି ଶିଶୁର ହାତକୁ ଧରି ନିଜ ଗାଲରେ ଚାପୁଡ଼ା ମାରେ, କାନ ଧରାଏ । ଶିଶୁର ହାତକୁ ଚୁମ୍ବନ ଦେଇ ଅପାର ଆନନ୍ଦ ଅନୁଭବ କରେ । ଶିଶୁମାନଙ୍କୁ ଯିଏ ଯେତେ ସ୍ନେହ କରେ ଗେଲ କରେ ତା ପାଖକୁ ସେମାନେ ଦେଖିବା ମାତ୍ରେ ପଳାଇ ଯାଆନ୍ତି । ତାଙ୍କୁ ନ ଦେଖିଲେ ବା ସେମାନେ ଶିଶୁଟିକୁ ଛାଡ଼ି ଚାଲିଗଲେ ଶିଶୁଟି କ୍ରନ୍ଦନ କରିଥାଏ । ସେତେବେଳେ ଶିଶୁଟି କିଛି ଚିନ୍ତା କରିପାରେ ନାହିଁ । ତଥାପି ସ୍ୱତଃ ସ୍ଫୁ ର୍ତ୍ତ ଭାବରେ ଶିଶୁଟି ନିଜର ଲୋକଟିକୁ ଖୋଜିବୁଲେ ।

ଲୋକମାନେ ଶିଶୁମାନଙ୍କୁ ବିଭିନ୍ନ ପ୍ରକାର ବସ୍ତୁ ପ୍ରଦାନ କରିଥାନ୍ତି । ଯଥା ଖାଇବାପାଇଁ ଚକୋଲେଟ, ବିସ୍କୁଟ, ଆଇସକ୍ରିମ, ଖେଳିବାପାଇଁ କଣ୍ଢେଇ, ବଲ, ବେଲୁନ, ବାଜା ଇତ୍ୟାଦି । ଶିଶୁଟି ଅତି ଖୁସିରେ ଉପହାର ଗୁଡ଼ିକୁ ସାଉଁଟି ଥାଏ ।



ସଂସାରରେ ଅନେକ ପ୍ରକାରର ଲୋକ ଦୃଷ୍ଟିଗୋଚର ହୋଇଥାନ୍ତି । କିଏ ଶିଶୁମାନଙ୍କ ଖୁସିରେ ଆନନ୍ଦ ଅନୁଭବ କରେତ ଆଉ କେହି କେହି ଶିଶୁମାନଙ୍କୁ କନ୍ଦେଇ, ବିରକ୍ତକରି ଆନନ୍ଦ ଅନୁଭବ କରନ୍ତି । ତେଣୁ ଅନେକ ସମୟରେ ଦେଖାଯାଏ ଯେ ଲୋକମାନେ ଗୋଟିଏ କଣ୍ଢେଇ ବା ଅନ୍ୟ ଉପହାର ଶିଶୁଟିକୁ ଦେଇଥାନ୍ତି, ନିଷ୍ପାପ ସରଳ ଶିଶୁଟି କିଛି ବିଚାର

ନ କରି ବିନା ଦ୍ୱିଧାରେ ହାତଟି ବଢ଼ାଇଦିଏ ଜିନିଷଟିକୁ ନେବା ପାଇଁ । କିନ୍ତୁ ନିଷ୍ଠୁର ମଣିଷ ଜିନିଷଟିକୁ ଫେରାଇନେଇଆସେ, ଫଳରେ ଶିଶୁଟି ମଧ୍ୟ ତାର କୋମଳ ହସ୍ତଟିକୁ ଧୀରେ ଧୀରେ ଫେରାଇ ଆଣି ବଲବଲକରି ଲୋକଟିକୁ ଚାହେଁ । ଲୋକଟି ପୁନଶ୍ଚ ଜିନିଷଟିକୁ ଶିଶୁ ଆଡ଼କୁ ବଢ଼ାଏ ଓ ଶିଶୁଟି ଜିନିଷଟିକୁ ନେବାପାଇଁ ପ୍ରୟାସ କରେ । ଏଥର ମଧ୍ୟ ପୂର୍ବପରି ଲୋକଟି ଜିନିଷଟିକୁ ନେଇଯାଏ । ଶିଶୁଟି ଜିନିଷଟିକୁ ଧରିବା ପାଇଁ ହାତ ବଢ଼ାଏ ଓ ନିରାଶରେ ହାତ ଫେରାଇ ନିଏ । ଏହିପରି ତିନିଚାରିଥର କଳାପରେ ପ  ମ ଥର ପାଇଁ ନିଶ୍ଚିତ ହୋଇଯାଏ ଶିଶୁଟି ସେତେବେଳେ ଜିନିଷଟିକୁ ନେବା ପାଇଁ ଇଚ୍ଛା ପ୍ରକାଶ କରେ ନାହିଁ । ସେ ସେତେବେଳେ ବିଷର୍ଣ୍ଣ ବଦନରେ ଅନ୍ୟ ଦିଗକୁ ମୁହଁ ଫେରାଇ ନିଏ । ଯେତେ ପ୍ରୟାସ କରାଗଲେ ମଧ୍ୟ ଶିଶୁଟି ଉପହାରଟିକୁ ଧରିବାକୁ ନାରାଜ । ଲୋକଟି ଜାଣିପାରେନାହିଁ । ସରଳ କୋମଳ ଶିଶୁଟି ସହିତ ତାର ଶତ୍ରୁତା ହୋଇଯାଇଛି । ଯାହାକୁ ଆମେ ନିରୀହ ଶତ୍ରୁତା ବୋଲି କହି ପାରିବା । ତେଣୁ ଆମେ ଏତାଦୃଶ୍ୟ ବ୍ୟବହାର କୋମଳ ଶିଶୁପ୍ରତି କରିବା ଅନୁଚିତ ଓ ଏପରି କରୁଥିବା ଲୋକଙ୍କୁ ବାରଣ କରିବା ଉଚିତ ।

**ଶ୍ରୀଯୁକ୍ତ ମନୋରଞ୍ଜନ ଭୋଇ**
ପ୍ରଧାନ ଶିକ୍ଷକ, ନାଇକାଣିପାଲି ଆଶ୍ରମ ବିଦ୍ୟାଳୟ, ଅନୁଗୋଳ



**ଚୈତନ୍ୟ ପ୍ରସାଦ ମୁଣ୍ଡା**, ପଦ୍ମପୁର ଆଶ୍ରମ ବିଦ୍ୟାଳୟ, ଜଗତସିଂହପୁର

# ପାଠ ଅଟେ ସାର ଧନ

କା'କା କହେ କାଉ,
ପୂରୁବେ ସୂରୁଜ ଉଇଁ ଆସିଲେଣି
ରୂପ ତାଙ୍କ ଦାଉ ଦାଉ ॥

ଆଲୁଅ ଥାପିଲା ପାଦ,
ଲାଜରେ ଅନ୍ଧାର ଫେରିତ ଗଲାଣି
ନାହିଁ ତ ବାସନା ଗନ୍ଧ ॥

ବୋଉ ଡ଼ାକି ମୋତେ କହେ,
ରାତି ପାହିଲାଣି ଉଠ ତୁ ଧନରେ
ଶୋଇବା ବେଳ ଏ ନୁହେଁ ॥

ନିତ୍ୟ କର୍ମ ଦିଅ ସାରି,
ପଢା ଘରେ ଯାଇ ପାଠପଢେ ବସି
ବହି, ଖାତା ତୋର ଧରି ॥

ପାଠ ଅଟେ ସାର ଧନ,
ତାକୁ ଜମା ପୁଞ୍ଜି କଲେରେ ଶଙ୍ଖାଳି
ଜନମ ହୋଇବ ଧନ୍ୟ ॥

**ମମତା ଦେହୁରୀ**
ନବମ ଶ୍ରେଣୀ,
ସରକାରୀ ଉଚ୍ଚ ବିଦ୍ୟାଳୟ, ଫୁଲମ୍ବା





# ଯୋଗ ଓ ପ୍ରାଣାୟମ

ସ୍ୱାସ୍ଥ୍ୟ ହିଁ ସମ୍ପଦ । ଶରୀର ସୁସ୍ଥ ନ ରହିଲେ କାର୍ଯ୍ୟ ପ୍ରତି ଆଗ୍ରହ ଆସେ ନାହିଁ । ସମସ୍ତ ଜୀବଜନ୍ତୁ ମାନଙ୍କର ଶାରୀରିକ ସୁସ୍ଥତା ଉପରେ ହିଁ ମାନସିକ ସ୍ଥିତି ନିର୍ଭର କରିଥାଏ । ଉ  ମ ସ୍ୱାସ୍ଥ୍ୟ ହିଁ ମନୁଷ୍ୟର ମନକୁ ପ୍ରଫୁଲ୍ଲିତ ରଖିବା ସହିତ ତାର ଚିନ୍ତାଧାରାକୁ ଉନ୍ନତି ପଥରେ ଗତି କରାଇଥାଏ । ତେଣୁ ଆମ ମଣିଷ ସମାଜ ସଚେତନ ହେବା ଉଚିତ । ଆମ ମନରେ ଶାନ୍ତି, ଦୟା, କ୍ଷମା, ଆଣିବାକୁ ହେଲେ ଯୋଗ କରିବା ନିତାନ୍ତ ଜରୁରୀ ଅଟେ । ତେଣୁ ଛାତ୍ର ଓ ବୟସ୍କ ବ୍ୟକ୍ତିମାନଙ୍କ ପାଇଁ କେତେ ଗୁଡ଼ିଏ ପ୍ରଣାଳୀ ରହିଛି ତନ୍ମଧ୍ୟରୁ (୧) ବ୍ୟାୟାମ (୨) ସୂର୍ଯ୍ୟନମସ୍କାର (୩) ଆସନ (୪) ପ୍ରାଣାୟାମ ଶରୀରର ସମସ୍ତ ଅଙ୍ଗ ପ୍ରତ୍ୟଙ୍ଗକୁ ଚଳଚ  ଳ କରିବା ପାଇଁ ପ୍ରଥମେ ବ୍ୟାୟାମ କରାଯାଇଥାଏ । ସ୍ୱାମୀ ରାମଦେବ ମହାରାଜ ୧ ୨ ପ୍ରକାର ବ୍ୟାୟାମ ବିଷୟରେ ଅବଗତ କରାଇଛନ୍ତି । ସେଗୁଡ଼ିକ ନିୟମିତ ଭାବେ ୫ ମିନିଟ ଲେଖାଏଁ କରିବା ଉଚିତ ।

**ସୂର୍ଯ୍ୟ ନମସ୍କାର ୧୨ ପ୍ରକାରର ଯଥା : -**

(୧) ପ୍ରାଣାମାସନ - ଦୁଇପାଦକୁ ସମାନ ଭାବେ ରଖି ସିଧା ଛିଡ଼ା ହୁଅନ୍ତୁ । ଦୁଇ ହାତକୁ ଛାଡ଼ି ସିଧାନମସ୍କାର ମୁଦ୍ରାରେ ରଖନ୍ତୁ । ବେକ ଓ ମୁଣ୍ଡ ସିଧାରଖି ଆଗକୁ ଚାହିଁବା ।

(୨) ହସ୍ତ ଉସ୍ଥିତାସନ - ଦୁଇହାତ ଉପରକୁ ଉପରକୁ ଉଠାଇ ପଛକୁ ଝୁଙ୍କନ୍ତୁ, ଗୋଡ଼ ସିଧା ରଖି ଅ  ।ପାଖରୁ ପଛକୁ ଝୁଙ୍କନ୍ତୁ । ଉପରକୁ ସ୍ଥିର ଭାବେ ଦୃଷ୍ଟ ଭାବେ ଦୃଷ୍ଟି ରଖନ୍ତୁ । ଲମ୍ବା ଶ୍ୱାସ ନେଇ ଭିତରକୁ ରଖନ୍ତୁ ।

(୩) ପାଦ ହସ୍ତାସନ - ଦୁଇଗୋଡ଼ ସିଧାରଖି ଆଗକୁ ଝୁଙ୍କନ୍ତୁ ଦୁଇହାତକୁ ନେଇ ଭୂମିତଥା ପାଦରେ ଲଗାନ୍ତୁ ନିଶ୍ୱାସ ଛାଡ଼ନ୍ତୁ ।

(୪) ଅଶ୍ୱସ  ।ଳନ ଆସନ - ଡ଼ାହାଣ ଆଣ୍ଠୁ ଭାଙ୍ଗିରଖନ୍ତୁ । ଦୁଇହାତର ପାପୁଲି ଭୂମିକୁ ଲାଗି ରହିବ ଓ ବାମ ଗୋଡ଼କୁ ପଛକୁ ଲମ୍ୱାନ୍ତୁ ଶ୍ୱାସରଖନ୍ତୁ ।

(୫) ପର୍ବତାସନ - ପାଦ ଓ ହାତର ପାପୁଲି ଭୂମିକୁ ଲାଗିବ । ଆଣ୍ଠୁ ପୂରା ସିଧାରହିବ । ନିତମ୍ବକୁ ଉପରକୁ ଟେକି ରଖନ୍ତୁ । ଶ୍ୱାସ ଛାଡ଼ନ୍ତୁ ।

(୬) ଅଷ୍ଟାଙ୍ଗକୁ ଭୂମିରେ ଲଗାନ୍ତୁ ।

(୭) ଭୁଜଙ୍ଗାସନ - ଦୁଇଗୋଡ଼ ପଛକୁ ରଖିହାତ ପାପୁଲିରେ ଭରାଦେଇ ଅ  ।ପାଖରୁ ମୁଣ୍ଡକୁ ଉପରକୁ ଉଠାନ୍ତୁ ଓ ଦୀର୍ଘ ଶ୍ୱାସ ନିଅନ୍ତୁ ।

(୮) ପା  ନମ୍ବର ସ୍ଥିତି ପୁନଃରାୟ





(୯) ଚାରିନମ୍ବର ସ୍ଥିତି ପୁନଃରାୟ

(୧୦) ତିନି ନମ୍ବର ସ୍ଥିତି ପୁନଃରାୟ

(୧୧) ଦୁଇ ନମ୍ବର ସ୍ଥିତି ପୁନଃରାୟ

(୧୨) ତାଡ଼ାସନ - ପ୍ରଥମକୁ ଫେରିଆସନ୍ତୁ । ପାପୁଲି ଦ୍ୱୟ ଛାଡ଼ି ସିଧାରେ ରଖି ସୂର୍ଯ୍ୟଙ୍କୁ ନମସ୍କାର କରନ୍ତୁ । ଶ୍ୱାସ ଛାଡ଼ନ୍ତୁ ଏହିଠାରେ ହୋଇଥାଏ ସୂର୍ଯ୍ୟ ନମସ୍କାର ।

**ଆସନ - ଆସନ ହେଉଛି ୧୨ ପ୍ରକାରର ଯଥା -** (୧) ମଣ୍ଡୁକାସନ, (୨) ଶଶକାସନ, (୩) ଗୋମୁଖାସନ, (୪) ବକ୍ରାସନ, (୫) ମକରାସନ (୬) ଭୁଜଙ୍ଗାସନ, (୭) ସଲଭାସନ, (୮) ମର୍କଟାସନ, (୯) ପବନମୁକ୍ତାସନ (୧୦) ପଦବୃ ।ସନ, (୧୧) ଦ୍ୱିଚକ୍ରିକାସନ (୧୨) ଶେଷ ରେ ତିନିମିନିଟ ଶବାସନ କରିବା କିନ୍ତୁ ରୋଗ ଅନୁସାରେ ଅଲଗା ରହିଛି ।

**ପ୍ରାଣାୟାମ : ପ୍ରାଣାୟମ ହେଉଛି ଆଠପ୍ରକାରର ଯଥା :**

(୧) ପ୍ରଥମେ ସିଧା ଆସନରେ ବସିବା ଅ ।, ମେରୁଦଣ୍ଡ, ବେକସିଧା ରହିବା ହାତ ଧ୍ୟାନ ମୁଦ୍ରାରେ ରଖିବା । ଲମ୍ବା ଶ୍ୱାସନେବା ଓ ଲମ୍ବା ଶ୍ୱାସ ଛାଡ଼ିବା । (୫୦ ମିନିଟ ପର୍ଯ୍ୟନ୍ତ)

(୨) କପାଳଭାତି ପ୍ରାଣାୟାମ - ସିଧା ଆସନରେ ବସିହାତକୁ ବାୟୁ ମୁଦ୍ରାରେ ରଖିବା ଶ୍ୱାସ ଖାଲି ଛାଡ଼ିବା । ୧୦ ମିନିଟରୁ ଉର୍ଦ୍ଧକରିବା ।

(୩) ଅନୁଲୋମ ବିଲୋମ - ସିଧାସନରେ ବସିବା, ହାତକୁ ବାୟୁ ମୁଦ୍ରାରେ ରଖି ଡ଼ାହାଣ ହାତ ଡ଼ାହାଣ ନାକର ପୁଡ଼ାକୁ ବନ୍ଦକରି ବାମପୁଡ଼ାରେ ଲମ୍ବା ଶ୍ୱାସ ନେବା, ବାମ ପୁଡ଼ା ବନ୍ଦକରି ଡ଼ାହାଣ ପୁଡ଼ାରେ ଶ୍ୱାସ ଛାଡ଼ିବା । ଏଭଳି କିଛି ସମୟ କଲାପରେ ବିପରୀତ ନାକକୁ ୧୦ ମିନିଟରୁ ଉର୍ଦ୍ଧକରିବା ।

(୪) ବାହ୍ୟ ପ୍ରାଣାୟାମ ଓ ଅଗ୍ନିସାର କ୍ରିୟା - ସିଧାସନରେ ବସି ବାୟୁ ମୁଦ୍ରାରେ ହାତକୁ ରଖିବା ଲମ୍ବା ଶ୍ୱାସ ନେଇ ଲମ୍ବାଶ୍ୱାସ ଛାଡ଼ିବା । ପେଟକୁ ଖାଙ୍କଲା କରିବା । ଖାଙ୍କଲା କଲାପରେ ଶ୍ୱାସ ନେବା ନାହିଁ କି ଛାଡ଼ିବା ନାହିଁ । ଏଭଳି ୩ ମିନିଟ ପର୍ଯ୍ୟନ୍ତ କରିବା । ଅଗ୍ନିସାର କ୍ରିୟା - ବାହ୍ୟ ପ୍ରାଣାୟାମ ଭଳି ପେଟକୁ ଭିତରବାହାର କରିବା । ଏହା କଲାବେଳେ ଶ୍ୱାସନେବା ନାହିଁ ।

(୫) ଉଜ୍ଜାୟୀ ପ୍ରାଣାୟାମ - ସିଧାସନରେ ବସିବାୟୁ ମୁଦ୍ରାରେ ହାତ ରଖିବା । ଗଳାକୁ ଭିତରକୁଟାଣି ଊଁ' ର ଉଚ୍ଚାରଣ କରିବା । ଏଭଳି ୩ ମିନିଟ ପର୍ଯ୍ୟନ୍ତ କରିବା ।

(୬) ଭ୍ରାମରୀ ପ୍ରାଣାୟାମ - ସିଧାସନରେ ବସିବା ବେଳେ ଅ ।, ମେରୁଦଣ୍ଡ ସିଧାରଖିବା, କପାଳରେ ହାଲୁକାରେ ଚାପିରଖିବା । "ଓଁ" କାର ଉଚ୍ଚାରଣ ତିନିମିନିଟ ପର୍ଯ୍ୟନ୍ତ କରିବା ।

(୭) ଉଦଗିଧ ପ୍ରାଣାୟାମ - ପଦ୍ମାସନରେ ବସି ହାତକୁ ଧ୍ୟାନମୁଦ୍ରାରେ ରଖି ଓଁକାର ଉଚ୍ଚାରଣ ୩ ମିନିଟ ପର୍ଯ୍ୟନ୍ତ କରିବା ।

(୮) ପ୍ରଣବ ବାଧାନ - ପଦ୍ମାସନରେ ବସି ହାତକୁ ଧାନ ମୁଦ୍ରାରେ ରଖି ୩ ମିନିଟ ପର୍ଯ୍ୟନ୍ତ ବସିବା । ଯୋଗ ଓ ଧ୍ୟାନର ଶକ୍ତି ଆମ୍ଭମାନଙ୍କୁ ସବୁକିଛି ଦେଇ ପାରିବା ପ୍ରକୃତି ଉପରେ ଆଧିପତ୍ୟ ମଧ୍ୟ ଯୋଗଦ୍ୱାରା ସମ୍ଭବ ହୋଇ ପାରିବ । ଧ୍ୟାନ ଦ୍ୱାରା ଆତ୍ମବଳ ବଢେ ଏବଂ ଏକଗ୍ରତା ମଣିଷକୁ ସଫଳତା ଆଣିଦେଇଥାଏ । ଧ୍ୟାନ ଅଭ୍ୟାସ ଦ୍ୱାରା ସ ୍ୱଗୁଣ ବଢିବ, ମନ ଭରାକ୍ରାନ୍ତ ଓ ବିଶାଦଗ୍ରସ୍ତ ହୋଇ ରହେନାହିଁ । କାର୍ଯ୍ୟ କରିବାକୁ ଆଗ୍ରହ ବଢିବା ସହମନ ପ୍ରଫୁଲ୍ଲ ରହେ । ଯୋଗ ଓ ଧ୍ୟାନ କରିବା ଦ୍ୱାରା ସ୍ନାୟୁ ଗୁଡ଼ିକ ସବଳ ହୋଇଥାନ୍ତି ଏବଂ ଦୁର୍ବଳତା ଦୂର ହୁଏ । ଶରୀର ସୁସ୍ଥ ଏବଂ ନୀରୋଗ ରହେ ।

ଏହା ଯଦି ଆମେ ପ୍ରତ୍ୟେକ ଦିନ ପ୍ରତ୍ୟୁଷରେ ଏବଂ ସନ୍ଧ୍ୟାରେ କିଛି କିଛି ସମୟ କରିବା ତାହାହେଲେ ଆମ ଶରୀରକୁ ରୋଗମୁକ୍ତ ଓ ସୁସ୍ଥ ରଖିପାରିବା ।

**ଅଭୟ ପ୍ରଧାନ**

ଶିକ୍ଷା ସହାୟକ, ନାଇକାଣିପାଲି ଆଶ୍ରମ ବିଦ୍ୟାଳୟ, ପାଳଲହଡ଼ା



## ମହକିବା

ଶୁଣିଥିବ ପିଲେ ଆମରି ଦେଶର
ମହାପୁରୁଷଙ୍କ ବାଣୀ । ।
ତାଙ୍କ ଉପଦେଶ ଇତିହାସ
ଆଜି ରହିଛି ହୋଇ କାହାଣୀ । ।
ଆସରେ ଶପଥ ନେବା
ତାଙ୍କପରି ଆମେ ହେବା । ।
ଦେଶ ଦେଶ ପାଇଁ କାମ କରି ସଦା
ଜଗତେ ନାଆଁ ରଖିବା । ।

**ଆନନ୍ଦ କଣ୍ଡାଗରୀ**
ଅଷ୍ଟମ ଶ୍ରେଣୀ
ଆଶ୍ରମ ବିଦ୍ୟାଳୟ, ଭାକୁରଗୁଡ଼ା, ରାୟଗଡ଼ା

## ଦେଶାତ୍ମକ ବୋଧ

ମୋ ସପନଟା ବଡ଼ ଆଖି ଛୋଟିଆ......
ଭାବନା ମୋ ନୂଆ କିଛି ଭାରି ବଢ଼ିଆ ( ୨ )
ଗାଁରୁ ସହର ଦେଶରୁ ବିଦେଶ ନବା ଶପଥ...
ସ୍ୱଚ୍ଛ ଭାରତ ମୋ ସ୍ୱଚ୍ଛଭାରତ
ପରିବେଶ ଭଲଥିଲେ ସ୍ୱାସ୍ଥ୍ୟ ଭଲ ରହିଥିବ
ଗାନ୍ଧିଜୀଙ୍କ ଆହ୍ୱାନ ସଦାମନେ ରହିଥିବ
ନିଜେ ବି ରହିବା ଅନ୍ୟକୁ କହିବା ନବା ଶପଥ......
ସ୍ୱଚ୍ଛ ଭାରତ ମୋ ସ୍ୱଚ୍ଛ ଭାରତ
ସ୍ୱଚ୍ଛ ତୁମ ମନ ଥିଲେ
ଦେଶପାଇଁ ପ୍ରେମ ଥିବ
ବିଦେଶରେ ଆମ ଦେଶ ଭାବ ମୂ□ ଭଲଥିବ ( ୨ )
ଆସ ହେ ଶ୍ରମିକ ଆସ ହେ କୃଷକ ନବା ଶପଥ.....
ସ୍ୱଚ୍ଛ ଭାରତ ମୋ ସ୍ୱଚ୍ଛ ଭାରତ ( ୨ )

**ରିତାଦିନୀ କହଁର**
ତାଳପଡ଼ା ଆଶ୍ରମ ବିଦ୍ୟାଳୟ, ଫୁଲବାଣୀ






## ଶୀତର ମଜା

ଶୀତ ଜାଣିପାରେନା ଘର ଚଟିଆ
ଲୋକେ ଘରେଘରେ ଲଗାନ୍ତି ନିଆଁ
ଶୀତ ମାଡ଼ ଖାଇ ଫାଟିଲା ଓଠ
ଶୀତ ପାଇଁ ସଭିଁଏ କାଠ
ପାଣୀ ପିଇବାକୁ ନହୁଏ ମନ
ବୁଢ଼ା ବୁଢ଼ୀଙ୍କର ଯାଏ ଜୀବନ
କୁହୁଡ଼ି କାକାର ନାଟ
ଗାଧୋଇବା ପାଇଁ ଦେହ ଓ ଗାଳେ ବାଟ
ଶୀତରତୁରେ ଫୁଟେ ସୁନ୍ଦର ଫୁଲ
ମଲା ଜନ୍ତୁର ମାଂସ ଖାଏ ଚିଲ
ଶୀତରତୁର ପାଗର ମଜା
ପରବ ପାଇଁ ବାଜିଲା ବାଜା ।।

**ରାହୁଲ ସାରାକା**
ସପ୍ତମ ଶ୍ରେଣୀ
ଆଶ୍ରାମ ବିଦ୍ୟାଳୟ ଭାକୁରଗୁଡ଼ା, ରାୟଗଡ଼ା



## ଟିକିଟିକି

ଟିକିଟିକି ଟୋପା ପାଣିରେ
ଗଢ଼ା ହେଇଛି ସିନ୍ଧୁ
ଦିଶୁ ନାହିଁ ସିନା ଆଖିକି
ତାର ଅସଂଖ୍ୟ ବିନ୍ଦୁ
ଟିକିଟିକି ଧୂଳି କଣିକା
ମିଶି ହୋଇଛି ଧରା
ପାହାଡ଼ ପଡ଼ିଆ ନଗର
ସବୁ ତ ଧୂଳିରେ ଗଢ଼ା
ଗୋଟିଗୋଟି କେତେ ଗଛରେ
ପରା ତିଆରି ବନ
ଏତେ ଲୋକହିତ ସାଧୁଛି
ଏତେ ବାଣ୍ଟୁଛି ଧନ
ଟିକିଟିକି କୋଟି ତାରକା
ଫୁଟି ଗଗନେ ନିତି
ରାତିର ଅନ୍ଧାର ବିନାଶି
ତୋଫା କରନ୍ତି କ୍ଷତି
ଲବେ ଲବେ ଦୟା ହୃଦୟେ
ଦେଇପାରେ ଯେ ନର
ସେ ଏକା ବୋଲାଏ ଜଗତ
ଦୟାମୟଙ୍କ ଚର
ଟିକିଟିକି କାର୍ଯ୍ୟ ସୁଗତି
ଯେବେ ଦେଖାଇ ପାରେ
ତେବେ ସିନା ଏଇ ଜନମେ
ପିଲଏ ଜନ୍ମ କରିବା ଦରେ ।

**ବାଦଲ ମଲ୍ଲିକ୍**
ସାଇନି ପଦର ଆଶ୍ରମ ବିଦ୍ୟାଳୟ
ଚତୁର୍ଥ ଶ୍ରେଣୀ

# ଶୁଆ ଓ କୁଆର କାହାଣୀ

ଗୋଟିଏ ବଡ଼ବରଗଛରେ ଦୁଇଟି ଚଢ଼େଇ ରହୁଥିଲେ । ସେମାନେ ଦୁହେ କାହାର କ'ଣ ଅସୁବିଧା ହେଲେ ଦୁହେଦୁହିଁଙ୍କୁ ପରସ୍ପରର ସାହାର୍ଯ୍ୟ ମାଗନ୍ତି । ସେମାନେ ଦୁହେଁ ସେହି ବରଗଛରେ ଅଣ୍ଡା ଦେଲେ । ଅଣ୍ଡା ଦେଲା ପରେ ଶୁଆ ଗୋଟିଏ ଅଣ୍ଡା ଦେଲା ଓ କୁଆ ଗୋଟିଏ ଅଣ୍ଡା ଦେଲା ପରେ । ସେହି ଶୁଆ ଓ କୁଆ ଛୁଆ ଦୁହେଁ ମିଳିମିଶିଚଳନ୍ତି । ଶୁଆ ଛୁଆର ମା' ତାର ଛୁଆକୁ ସନ୍ଧ୍ୟାବେଳେ ଓ ସକାଳେ ପାଠପଢ଼ିବା ପାଇଁ କହୁଥିଲେ । କିନ୍ତୁ କୁଆ ଛୁଆ ସେ ପାଠନପଢ଼ି ଖରାପସାଙ୍ଗମାନଙ୍କ ସହିତ ମିଶି ଖରାପ କାମ ସବୁ କରେ । ଦିନେ ଶୁଆକୁ କୁଆ କହିଲା ଆରେ ଶୁଆଭାଇ ଆଜି ଦୁନିଆରେ ପାଠପଢ଼ିକି କ'ଣ ଲାଭ । ଶୁଆର ଛୁଆ ପାଠପଢ଼ିକି ଭଲ ହେବାପରେ,କୁଆ ଛୁଆ ଦେଖିନପାରି ଶୁଆର ଅସୁବିଧା ସମୟରେ କିଛି ସାହାର୍ଯ୍ୟ କଲାନାହିଁ । ଶୁଆ ପାଠପଢ଼ି ସୁଜନଙ୍କର ଘରେ ରହିଲା । ଦିନେ ଶୁଆ କୁଆକୁ କହିଲା ଆରେ କୁଆଭାଇ ତୁପରା କହୁଥିଲୁ ପାଠପଢ଼ିକି ଆଜି ଦୁନିଆରେ କ'ଣ କରା ହଉଛି ଯେ ମୁଁ ପାଠପଢ଼ିବ ଆଜି ପାଠନପଢ଼ି କ'ଣ ନକରୁଚୁରେ ସାଙ୍ଗ ଗୋଟିଏ ଦିନ ଶୁଆକୁ ପିଲାମାନେ ଫଳ ଖୁଆଉଥାନ୍ତି ।ଏହାଦେଖି କୁଆ ଶୁଆକୁ ରାଗରେ କିଛି କରିବା କହିବାକୁ ହେବାରୁ ପିଲାମାନେ ତାକୁ ଟେକା ମାରି ତଡ଼ିଦେଲେ ।

ଅନୀଲ କୁମାର ପ୍ରଧାନ, ଫୁଲବାଣୀ



# ରହିବ ତୁମର ନାମ

ଅରଜିବା ଧନ ପାଖରେ ରଖିଲେ
ନେଇଯାଇ ପାରେ ଚୋର,
ଅରଜିବା ଜ୍ଞାନ ମନରେ ରଖିଲେ
ହୁଏ ନାହିଁ କେବେ ପର ।
ମୁହଁରୁ ଉ□ର କହିଦେଲା ପରେ
ଫେରି ଆସେନି ସେ କଥା,
କଥା ପଦକରେ ଶତ୍ରୁ ବଶ ହୁଏ
ହରିନିଏ ସବୁ ବ୍ୟଥା ।
ଛୋଟ ବେଳ ତୁମ ଚାଲିଗଲେ ଥରେ
ଆସନାହିଁ ଆଉ ଫେରି
ପାଠ ପଢିବାର ବେଳ ଖସିଗଲେ
ସବୁ ଇଚ୍ଛା ଯାଏ ମରି ।
ବେଳକାଳ ଜାଣି ଯଦି କରିଲ ଆଗରୁ
ଗୋଟିଏ ମହତ କାମ,
ଯୁଗଯୁଗ ଧରି ଚିର ଦିନ ପାଇଁ
ରହିବ ତୁମର ନାମ ।

**ଶ୍ରଦ୍ଧାଞ୍ଜଳୀ ମହାରଣା (ଶିକ୍ଷୟିତ୍ରୀ)**
ବାଦପଲ୍ଲୀ ଉ.ପ୍ରା ସେବାଶ୍ରମ,
ଖଲ୍ଲିକୋଟ, ଗଂଜାମ




# ଶୀତ ଋତୁ ଆସିଲା

ଶୀତଋତୁ ଆସିଲା
ଜହ୍ନମାମୁଁ ହସିଲା ।।
ଖଣ୍ଡ ଖଣ୍ଡ ମେଘ
ସୁନ୍ଦର ଦିଶେ ପାଗ ।।
ଶୀତଋତୁର ସୁରୁଜ
ଆକାଶରେ ପଡ଼େ ନାଲି ମୁରୁଜ ।।
ଧାନ ଜମି ବିଲ ବାଡ଼ି
ଶୀତଋତୁର କୁହୁଡ଼ି ।।
ଶୀତଋତୁର କାକର
ଲୋକେ ଜାଳିଲେ ଡ଼ଙ୍ଗର ।।
ସୁନ୍ଦର ସୁନ୍ଦର ଫୁଟେ ଫୁଲ
ଗଛରୁ ଝଡ଼େ ମହୁଲ ।।
ଭାରି ମଜା ଲାଗିଲା
ଶୀତଋତୁ ଆସିଲା ।।

**କୈଳାସ ଚନ୍ଦ୍ର ପ୍ରେଦନା**
ଅଷ୍ଟମ ଶ୍ରେଣୀ
ଆଶ୍ରମ ବିଦ୍ୟାଳୟ ଭାକୁରଗୁଡ଼ା, ରାୟଗଡ଼ା



# ଢଗଢ଼ମାଳୀ



୧. କାହାର ତିନୋଟି ଆଖି ଅଛି, କିନ୍ତୁ ସେ ଦେଖିପାରେନା ?

ଉ. ନଡ଼ିଆ ।



୨. କାହାର ଗୋଟିଏ ଆଖି ଅଛି, କିନ୍ତୁ ସେ ଦେଖିପାରେନା ?

ଉ. ଛୁଞ୍ଚି ।



୩. କାହାର ଦାନ୍ତ ଅଛି କିନ୍ତୁ ସେ ଚୋବାଇପାରେନା ?

ଉ. ପାନିଆ ।




୪. ଘର ଭିତରେ ବହୁତ ପୁଲିସ ଅଛନ୍ତି ସେଇଟା କ'ଣ ଅଟେ ?

ଉ. ଦିଆସିଲ ।



୫. ମାଆ ଝାମ୍ପୁରୀ ଝିଅ ସୁନ୍ଦରୀ ?

ଉ. ମରିଚ ଗଛ ।



୬. କିଏ ଖାଇଲେ ପତଳା, କିନ୍ତୁ ନଖାଇଲେ ମୋଟା ?

ଉ. ରୁଟି ।



୭. ଯାହାକୁ ଯେତେ ଖୋଳିଲେ ବଡ଼ ହୁଏ ?

ଉ. ଗାତ ।



୮. କିଏ ଜନ୍ମରୁ ମାଡ଼ ଖାଇଛି, କିନ୍ତୁ ସେ କାନ୍ଦେ ନାହିଁ ?

ଉ. ଫୁଟବଲ ।



୯. ସେ ପକ୍ଷୀ ନୁହେଁ କିନ୍ତୁ ଆକାଶରେ ଉଡ଼େ ?

ଉ. ଉଡ଼ାଜାହାଜ ।



୧୦. କଳାଦେହଟି ଅଟେ ତାହାର, ସୁ ମଧୁର ଅଟେ ତାହାରି ସ୍ୱର

ଉ. କୋଇଲି ।



୧୧. ସେମାନେ ଜୀବ ନୁହନ୍ତି, କିନ୍ତୁ ସେମାନେ ଚାଲନ୍ତି ?

ଉ. ଯାନବାହନ ।

# ନାରୀ ସୁରକ୍ଷା

ଆସ ଆସ ଭାଇ ଏକାଠି ହୋଇବା
ସମାଜ କଲ୍ୟାଣ ପାଇଁ,
ସମାଜ ଗଢ଼ିଛି ଆମରି ଜୀବନ
ଜଗତ ମଙ୍ଗଳ ପାଇଁ ।
ପିତା, ମାତା, ଭାଇ, ଭଗିନୀ ଆମର
ସମାଜେ କରନ୍ତି ବାସ,
ତାଙ୍କ ସ୍ୱାର୍ଥଲାଗି ଆମ ଜୀବନକୁ
କରିଦେବା ଆମେ ଝାସ ।
ଆଜିର ସମାଜେ କାହିଁକି ଘଟୁଛି
ନାରୀଜାତି ନିର୍ଯ୍ୟାତନା,
ନାରୀଟି ଆମର ଜାୟା ଓ ଭଗିନୀ
ନାରୀଟି ଆମ ବନ୍ଦନା ।।
ଯେଉଁ ମା' ଗର୍ଭେ ଥିଲୁ ଆମେ ଭାଇ
ଦଶମାସ ଦଶଦିନ,
ନାହିଁକି ଆମର ସେହି ମା'ପ୍ରତି
ଦୟା ଓ ମାନ ସମ୍ମାନ ।
ମା'କୁ ମାଆର ସମ୍ମାନ ଯେ ଦେବି
ଭଗିନୀକୁ ଭଗିନୀର,
ଜାୟାକୁ ଦେଇତା ଜାୟା ଆସନ
ଜଗତେ ହୋଇବା ବୀର ।
ନାରୀଟିଏ ନୁହେଁ ଖେଳଣା ସବୁରି
ନାରୀ ନୁହେଁ ବାଲିଘର,
ନାରୀ ହିଁ ଆମର ଜୀବନ ଚକ୍ରର
ଆଦ୍ୟ ଓ ଅନ୍ତର ଆଧାର ।

ନାରୀ ସର୍ବଂସ୍ୱହା ଶକ୍ତି ରୂପିଣୀ
ନାରୀ ଆମ ବସୁମତୀ,
ସେହି ଜନନୀକୁ ସମ୍ମାନ ନଦେଇ
କରୁଅଛୁ ତାଙ୍କ କ୍ଷତି ।
ଘଟାଇବା ନାହିଁ ଶିଶୁ ନାରୀଟିର
ଭୃଣ ହତ୍ୟା ଅପକର୍ମ
ଆଗାମୀ ପିଢ଼ିର ସେହି ନାରୀଟିଏ
କାମ, ମୋକ୍ଷ, ଅର୍ଥ, ଧର୍ମ ।
ଶପଥ ନେବା ଯେ ନକରିବା ପାଇଁ
ଶିଶୁ ନାରୀ ଦୁଷ୍କର୍ମ,
ନାରୀଶିଶୁ ଯଦି ତୁମରି ରକ୍ତର
କି ହେବ ତୁମର ମର୍ମ ।
ଯୌତୁକ ପ୍ରଥା ଶିଶୁ ଅପକର୍ମ
ଆଇନତ ଅପରାଧ
ପୁକ୍ସ ଆକ୍ଟର ଶିକାର ହୋଇଣ
ଜୀବନ ହୋଇବ ନଷ୍ଟ ।
ଜାଗ୍ରତ କରିବା ଆତ୍ମସଂଯମ
ଆଧାତ୍ମିକ ଭାବଧାରେ,
ନାରୀଶକ୍ତିର ଉତ୍‌ଥାନ ନିମନ୍ତେ
ଉବରଙ୍ଗ ପାରାବାରେ
ଉବରଙ୍ଗପାରାବାରେ ।

**ସୁଦାମ ଚରଣ ବଳିଆରସି**
ଜାଲେଶପଟା ହାଇସ୍କୁଲ




# ପରିବର୍ତ୍ତନ

ମୁଖ୍ୟମନ୍ତ୍ରୀ ହିସାବରେ ତମେ ବିଦ୍ୟାଳୟରେ କି କି ପରିବର୍ତ୍ତନ କରିଛ ?

ମୁଁ ମୁଖ୍ୟମନ୍ତ୍ରୀ ହିସାବରେ ଆମ ବିଦ୍ୟାଳୟରେ ମୁଖ୍ୟତଃ ଶାନ୍ତି ଶୃଙ୍ଖଳା ରକ୍ଷା କରେ । ପରିବେଶ ସଫା ହେଲା କି ନାହିଁ ତାହା ବୁଲି ଦେଖେ, ସଫା ହୋଇନଥିଲେ ପରିବେଶ ମନ୍ତ୍ରୀଙ୍କୁ କହି ସଫା କରାଯାଏ ।

- ସାଂସ୍କୃତିକ ମନ୍ତ୍ରୀଙ୍କୁ କହି ପର୍ବପର୍ବାଣୀରେ ପିଲାମାନଙ୍କୁ ନେଇ ସାଜସଜ୍ଜା କରିବା ପାଇଁ ନିର୍ଦ୍ଦେଶ ଦେଇଥାଏ ।
- କ୍ଲାସ ଟାଇମ୍‌ରେ ବାହାରେ ବୁଲୁଥିଲେ ତାଙ୍କୁ ବୁଝେଇକି ମୁଁ କ୍ଲାସ ଭିତରେ ବସିବାକୁ କୁହେ । ଯଦି ସାର କିମ୍ବା ଦିଦି ଶ୍ରେଣୀ କକ୍ଷରେ ନଥାନ୍ତି, ତେବେ ଶିକ୍ଷା ବନ୍ଧୁଙ୍କୁ କହି ଶ୍ରେଣୀ ଗୃହରେ ଶାନ୍ତି ଶୃଙ୍ଖଳା ରକ୍ଷା କରିବା ପାଇଁ ଦେଖିବାକୁ ପଠାଏ ।
- ସୋମବାର ଦିନ ପିଲାମାନେ ପରିଷ୍କାର ପରିଚ୍ଛନତା ଅଛନ୍ତିକି ନାହିଁ ତାହା ଦେଖେ । ଠିକ୍‌ଭାବରେ ଡ୍ରେସ୍ ସଫା କରିଛନ୍ତି କି ନାହିଁ,ଚୁଟି ଭଲଭାବରେ କୁଣ୍ଡେଇଛନ୍ତି କି ନାହିଁ, ନଖ କାଟିଛନ୍ତି କି ନାହିଁ, ତାହା ମୁଁ ଦେଖେ ଏହି ସବୁ ପରିଷ୍କାର ପରିଚ୍ଛନତା ପ୍ରତିଧ୍ୟାନ ଦେଇଥାଏ ।
- ଆମେ ବିଦ୍ୟାଳୟରେ ବିଭିନ୍ନ ପ୍ରକାର ଗଛ ଲଗେଇଛୁ ଏବଂ ପ୍ରତ୍ୟେକ ଦିନ ଗଛମୂଳରେ ପାଣିଦେବା ପାଇଁ କହିଥାଉ ।
- ୧୦ ଟା ପ୍ରାର୍ଥନା ସଭାରେ ସମସ୍ତେ ଉପସ୍ଥିତ ରହୁଛନ୍ତି କି ନାହିଁ ତାହା ମୁଁ ଦେଖେ ଏବଂ ସମସ୍ତଙ୍କୁ ଧାଡ଼ି ବାନ୍ଧି ଛିଡ଼ା ହେବା ପାଇଁ କୁହେ । ପ୍ରାର୍ଥନା ସରିଲେ ସମସ୍ତଙ୍କୁ ଧାଡ଼ିବାନ୍ଧି ଶାନ୍ତି ଶୃଙ୍ଖଳା ସହ ଶ୍ରେଣୀ ଗୃହକୁ ଯିବାକୁ କହିଥାଏ ।
- ସନ୍ଧ୍ୟା ସମୟରେ ପିଲାମାନଙ୍କୁ ଗୋଡ଼ ହାତ ଧୋଇ ପ୍ରାର୍ଥନା ସଭାରେ ବସିବାକୁ କୁହେ । ପ୍ରାର୍ଥନା ସରିଲେ ସମସ୍ତେ ନିଜନିଜ ରୁମ୍‌କୁ ଯାଇ ପାଠ ପଢୁଛନ୍ତି କି ନାହିଁ ତାହା ମୁଁ ବୁଲିବୁଲି ଦେଖେ ।
- ବିଦ୍ୟାଳୟରେ ଛାତ୍ରଛାତ୍ରୀମାନଙ୍କର ଯାହାବି ଅସୁବିଧା ହୁଏ ସେମାନଙ୍କ ଠାରୁ ବୁଝି ପ୍ରଧାନ ଶିକ୍ଷକଙ୍କୁ କିମ୍ବା ମେସ୍ ପରିଚାଳକଙ୍କୁ ଜଣାଇଥାଏ ।



**ରିନୁ ପ୍ରଧାନ**
ଦର୍ପଙ୍ଗିଆ ଆଶ୍ରମ ବିଦ୍ୟାଳୟ





## ଅନୁଚିନ୍ତା

(୧) ଝଡ଼ି ଯାଇଥିବା ଫୁଲ ପୁଣିଥରେ
ଗଛକୁ ଫେରି ପାରେନା, ତେଣୁ.....
ଅତୀତ ବିଷୟରେ ଚିନ୍ତା ନକରି
ବର୍ତ୍ତମାନକୁ ଭଲ ପାଆନ୍ତୁ, ଭବିଷ୍ୟତ
ପାଇଁ ବଂଚନ୍ତୁ, ଏବଂ ଓଠରେ ସୁନ୍ଦର
ହସକୁ ସର୍ବଦା ସଜାଇ ରଖନ୍ତୁ ।

(୨) ସୁଖ,ଦୁଃଖ ଜୀବନରେ ସମସ୍ତଙ୍କ ପାଖକୁ
ଆସିଥାଏ । ତେଣୁ ଗର୍ବ କରନ୍ତୁ ନାହିଁ,
ଯେତେବେଳେ ସୁଖ ଆପଣଙ୍କ ପାଖକୁ
ଆସିଥାଏ । ଆତ୍ମହରା ହୁଅନ୍ତୁ ନାହିଁ
ଏବଂ ଦୁଃଖ ସମୟରେ
ଟିକେ ଅପେକ୍ଷା କରନ୍ତୁ;
ଅଧିର ହୁଅନ୍ତୁ ନାହିଁ
ସୁଖ ନିଶ୍ଚିତ ଆସିବ ।

(୩) ଅପରକୁ ଇର୍ଷା ଓ ଘୃଣା କରୁଥିବା
ତଥା ସର୍ବଦା ଅସନ୍ତୁଷ୍ଟ ରହୁଥିବା
ବ୍ୟକ୍ତି ହେଉଛି ସବୁଠାରୁ ଦୁଃଖୀ, ତେଣୁ
ନିଜକୁ ଭଲ ପାଇବା ଶିଖିଲେ, ଅନ୍ୟକୁ ଘୃଣା
କରିବାରୁ ମୁକ୍ତ ହେବେ ।

**ସନ୍ତୋଷ କୁମାର ପାତ୍ର**
ସରକାରୀ ହାଇସ୍କୁଲ, ହୁମା, ଗଂଜାମ



## ଜଗତେ କେ ଅଛି ତୁମ ବିନା ପ୍ରଭୁ

ଜଗତେ କେ ଅଛି ତୁମ ବିନା ପ୍ରଭୁ,
ବରଷା କି ଅଛି ତୁମ ବିନା ପ୍ରଭୁ
ତୁମେ ହିଁ ମୁଁ ଶାହା ତୁମେହି ବରଷା
ତୁମ ବିନା ନାହିଁ କିଛି,
ଜଗତେ ମୁଁ କି ଅଛି ତୁମ ବିନା ପ୍ରଭୁ ।

ନଦୀ ବି ଗାଏ ତୁମରି ମହିମା,
ସାଗର ବି ଗାଏ ତୁମରି କରୁଣା ।
କେତେ ଯେ ସୁନ୍ଦର ତୁମରି ରଚନା,
କୁଳୁକୁଳୁ ବହେ ପାହାଡ଼ି ଝରଣା ।
ତାରା ବି ହସେ ଅନ୍ଧାର ଆକାଶେ,
ସୂରୁଯ ବି ହସେ ତୁମରି ଆଦେଶେ ।
ଗଢ଼ିଛ ପ୍ରଭୁ ପ୍ରାଣୀଙ୍କ ସକାଶେ,
ମେଘରୁ ତୁମର ଶକ୍ତି ଯେ ବରଷେ ।

ସଙ୍ଗୀତ ଗାଏ ଶୀତଳ ସମୀର,
ଭଅଁର ବଜାଏ ବିଣାର ଝଙ୍କାର ।
ଅଦଭୂତ କେତେ ସୃଷ୍ଟି ଏ ତୁମର,
ଆଲୋକ ବିଛାଏ ପ୍ରଭାତ ଶିଶିର ।
ସୁରଭିତ ହୁଏ ତୁମରି ଆନନ୍ଦେ,
ମଙ୍ଗଳମୟ ଯେ ତୁମରି ନିମନ୍ତେ ।
ପ୍ରେମକୁ ତୁମର ସ୍ମରିଲେ ମନରେ
ଉଛୁଳେ ମୁଁ ପ୍ରେମ ହୃଦୟ ଅନ୍ତରେ ।
ତୁମେହିଁ ମୋ ଶାହା ତୁମେହିଁ ଭରଷା
ତୁମ ବିନା ନାହିଁ କିଛି,
ଜଗତେ ମୁଁ କି ଅଛି ତୁମ ବିନା ପ୍ରଭୁ ।

**ସୁନିଲ ମଣ୍ଡଳ**
ସରକାରୀ ଆଶ୍ରମ ସ୍କୁଲ, ରୁଧାପଡ଼ା, ଗଂଜାମ

# ବାଣୀ ସଂଯମ

ମହାଭାରତ ରଚନାର ଶେଷ ଶ୍ଳୋକ ମହର୍ଷିବ୍ୟାସ କରିସାରିବାପରେ ଗଣେଷ ତାହା ଭୋଜ ପତ୍ରରେ ଲେଖିଦେଲେ । ମହର୍ଷି କହିଲେ ବିଘ୍ନେଶର, ତୁମେ ଧନ୍ୟ, ତୁମର ଲେଖନୀ ଧନ୍ୟ, କିନ୍ତୁ ସବୁଠୁ ବିସ୍ମୟକାରି ତଥ୍ୟଟି ହେଲା । ଆପଣ ମୌନବ୍ରତ । ଦୀର୍ଘଦିନ ତୁମେ ମୋ ପାଖରେ ରହିଲ । ଏହି ସମୟ ମଧ୍ୟରେ ମୁଁ ଲକ୍ଷ ଲକ୍ଷ ଶବ୍ଦ କହିଛି ହେଲେ ଆପଣଙ୍କ ମୁହଁରୁ ଗୋଟିଏ ହେଲେ ଶବ୍ଦ ଶୁଣିପାରିଲି ନାହିଁ । ଏହି ପ୍ରସଙ୍ଗରେ ଗଣେଷ କହିଲେ କୌଣସି ଦୀପରେ ଅଧିକ ତେଲ ତ ଆଉ କେଉଁ ଦୀପରେ କମ୍ । କିନ୍ତୁ କୌଣସି ଦୀପରେ ତେଲର ଅସରନ୍ତି ଭଣ୍ଡାର ନାହିଁ । ସେହିଭଳି ଦେବ,ଦାନବ ଆଦି କେତେ ଦେହଧାରୀ ଅଛନ୍ତି ସମସ୍ତଙ୍କର ପ୍ରାଣଶକ୍ତି ସମୀତ ଅଟେ । କାହାର କମ୍, କାହାର ବେଶି କିନ୍ତୁ ଅସୀମ କାହାର ନୁହେଁ । ଏହି ପ୍ରାଣ ଶକ୍ତିର ପୂରାଲାଭ ସେହିପାଇଥାଏ ଯିଏ ସଂଯମତା ଅବଲମ୍ବନକରେ । ସଂଯମତା ହିଁ ସମସ୍ତ ଶକ୍ତିର ଆଧାର । ଏହି ସଂଯମରୁ ପ୍ରଥମ ପାହାଚ ହେଲା ବାଣୀ ସଂଯମ ।

ବାଣୀ ସଂଯମ ଫଳରେ ଘୃଣା, ହିଂସା, ଇର୍ଷା, ଅହଙ୍କାରର ବିଲୟଘଟେ, ତେଣୁ ମୁଁ ମୌନ ଅବଲମ୍ବନ କରୁଛି ।

**ଶରତ ଚନ୍ଦ୍ର ଦାଶ**
ସରକାରୀ ଉଚ୍ଚ ବିଦ୍ୟାଳୟ



# ମୋ ବିଦ୍ୟାଳୟ

ସବୁଜିମା ଭରା ମୋ ବିଦ୍ୟାଳୟ
ଲାଗଇ କେଡ଼େ ସୁନ୍ଦର,
ସେହି ବଗିଚାର ଟିକି କଳି ଅଟୁ
ଶିକ୍ଷକ ମାଳି ଆମର ।
ଠିଆ ହୋଇଅଛି ସଡ଼କ କଡ଼ରେ
ସମୀପରେ ବୃକ୍ଷରାଜି,
କେତେ ଗଛଲତା କୁସୁମ ପୂରିଛ
ସ୍ମୃତି ପୀଠ ଟିଏ ସାଜି ।
ଚାରିପଟେ ତା'ର ପାହାଡ଼ବନ
ଶିଶୁପାଳ, ଶାଗୁଆନ
କଦଳୀ, ପିଜୁଳି ଲେମ୍ବୁ ଫଳ ଆଦି
ସ୍କୁଲ ମଧ୍ୟରେ ଅବସ୍ଥାନ ।

ଝାଡ୍ରାଜିଙ୍ଗର, ଆଶ୍ରାମ ବିଦ୍ୟାଳୟ
ନୁହେଁ ଏକ ଅନୁଷ୍ଠାନ,
ଆର୍ଦଶର ବା ୗ ଦିଅଇ ସଭିଙ୍କୁ
ଦେଇଛୁ ହୃଦୟେ ସ୍ଥାନ ।
ଛାତ୍ରାବାସଟିଏ ରହିଛି ଏଠାରେ
ଦୂର ଆସିଛୁ ସଭିଏଁ,
ପରିବାର ଭଳି ଚଳୁଅଛୁ ଏଠି
ଏକଥା ଭାବଟି ରହେ ।
ଶିକ୍ଷକ ଆମର ଆଇନା ପରିକା
ଆମ୍ଭେ ଅଟୁ ପ୍ରତି ଛବି,
ସ୍ନେହ,ଶ୍ରଦ୍ଧା ଭରି ଦେଇଥାନ୍ତି
ନିଜର ସନ୍ତାନ ଭାବି ।

**ଯଶୋଦା କହଁର**, ଝାଡରଜିଙ୍ଗ୍



**ପୂର୍ଣ୍ଣ କାଉଡିଆ**, ନବମ ଶ୍ରେଣୀ,
ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ହରଡ଼ାପୁଟ, କୋରାପୁଟ



**ସରସ୍ୱତୀ ନାଏକ**, ସପ୍ତମ ଶ୍ରେଣୀ,
ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଚିଲିଦା, କେନ୍ଦୁଝର

# ବଡ଼ଭାଇଙ୍କ ବଡ଼ ପଣିଆ

ମାଧପୁର ଗ୍ରାମରେ ଦୁଇଭାଇ ରହୁଥିଲେ । ପରସ୍ପର ପଡ଼ୋଶୀ । ଦୁହିଁଙ୍କର ପରିବାର ପରସ୍ପର ପ୍ରତି ସ୍ନେହ ଆଦର ମଧ୍ୟରେ ଚଳୁଥିଲେ । ଏପରିକି ପିଠାପଣା, ତରକାରୀ ଆଦି ଦିଆନିଆ ହେଉଥିଲେ । ଅଭାବ ଅସୁବିଧାରେ ଦୁହେଁ ପରସ୍ପରକୁ ସାହାଯ୍ୟ କରୁଥିଲେ । ସବୁଦିନ ସମାନ ଯାଏନାହିଁ । ହଠାତ୍ ଦୁହିଁଙ୍କ ମଧ୍ୟରେ ସ୍ନେହ ଆଦରର ଭଟ୍ଟା ପଡ଼ିଗଲା । କଥାବା ର୍ । ବନ୍ଦ ହୋଇଗଲା । କେହି କାହାକୁ ଅନାଇଲେ ନାହିଁ । ଘଟଣା ସାମାନ୍ୟଥିଲା । କଥା ହେଉଛି ବଡ଼ଭାଇ ଛାତଘର କଲା । ଛାତ ଘରର ପାଣି ବାଲି ଓ ସିମେ ଛିଟା ସାନ ଭାଇ ଘର ଆଡ଼କୁ ପଡ଼ିଲା । ଏଥିରେ ଦୁହିଁଙ୍କ ଭିତରେ ପାଟିଗୋଳ ଥାନା, ଫାଣ୍ଡି ପର୍ଯ୍ୟନ୍ତ କଥାଗଲା ।

ବଡ଼ଭାଇଙ୍କ ପୁଅ ଯାଇ ଅନୁରୋଧ କରି କହିଲା କାକା, ବ୍ୟସ୍ତ ହେବାର ନାହିଁ ପାଣି ଛିଟା, ବାଲି ଓ ସିମେ ଯାହା ପଡିଛି ତାହା ସଫାକରି ଦେବା ମାତ୍ର ଏଥିରେ କାକାଙ୍କ ଘର ଲୋକ ଚୁପ ହେଲେ ନାହିଁ । କ । ବାଡ଼ରେ ଲୁଗା ପକାଇ କଳି କଲାପରି କଳି ଲାଗିଲେ ଓ ସୁବୁବେଳେ ସାମାନ୍ୟ କଥାରେ ଗରଗର ହେଲେ ବଡ଼ଭାଇ ଏକଥା ସବୁ ଶୁଣିଲା କ'ଣ କଲେ ଗୋଟିଏ ସ୍ଥାୟୀ ସମାଧାନ ହେବ ? ଏକଥା ତା' ମୁଣ୍ଡକୁ ଘାରିଲା । ଦିନେ ମିସ୍ତ୍ରୀକୁ ଡାକି କହିଲା, ଗୋଟିଏ କାମ କର ସାନ ଭାଇ ଓ ଆମ ଘର ମଝିରେ ଆମପଟୁ ଗୋଟିଏ ଡ୍ରେନ କରିଦିଅ । ସେ ଡ୍ରେନ୍‌ରେ ଘରର ବାଲି ସିମେ ଆଦି ପଡ଼ିବ ଓ ତା' ଘରଆଡକୁ ଆଉ ପଡ଼ିବ ନାହିଁ । ମିସ୍ତ୍ରୀ ସେଇଆ କଲା । ଡ୍ରେନ୍ ତିଆରି ହେଲା, ଘଟଣାଟି ସମାଧାନ ହୋଇଗଲା । ବଡ଼ଭାଇ କାମକୁ ସମସ୍ତେ ପ୍ରଂଶସା କଲେ । ସମସ୍ତେ କହିଲେ ବଡ଼ ଭାଇ ସହନଶୀଳ ହୋଇ ବଡ଼ ପଣିଆ ଦେଖାଇଲେ ।


**ଜୁବ୍‌ଲିରାଣୀ ବଦି**

ଦଶମ ଶ୍ରେଣୀ, ସରକାରୀ ଉଚ୍ଚ ବିଦ୍ୟାଳୟ, ଫୁଲମ୍ୱା




**ଜୟନ୍ତୀ କହଁର**, ସପ୍ତମ ଶ୍ରେଣୀ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, କୁତ୍ରୁତୁଲି, କନ୍ଧମାଳ

# ନୀତିବାଣୀ

ଟଙ୍କା ଦେଲେ ବିଛଣା କିଣି ପାରିବ – କିନ୍ତୁ ନିଦ ନୁହେଁ ।

ଟଙ୍କା ଦେଲେ ପୁସ୍ତକ କିଣି ପାରିବ – କିନ୍ତୁ ଜ୍ଞାନ ନୁହେଁ ।

ଟଙ୍କା ଦେଲେ ଔଷଧ କିଣି ପାରିବ – କିନ୍ତୁ ସ୍ୱାସ୍ଥ୍ୟ ନୁହେଁ ।

ଟଙ୍କା ଦେଲେ ଘଡ଼ି କିଣି ପାରିବ – କିନ୍ତୁ ସମୟ ନୁହେଁ ।

ଟଙ୍କା ଦେଲେ ପଦବୀ କିଣି ପାରିବ – କିନ୍ତୁ ସମ୍ମାନ ନୁହେଁ ।

ଯେଉଁ ବ୍ୟକ୍ତି ଗୁରୁଜନ ମାନଙ୍କୁ ପ୍ରଣାମ କରେ, ସର୍ବଦା ବୟସ୍କ ଲୋକଙ୍କ ପ୍ରତି ସେବା ପରାୟଣ ଥାଏ, ସେହିମାନଙ୍କର ଆର୍ଶୀବାଦରୁ ପ୍ରଣାମ କରୁଥିବା ଲୋକଟିର ବାସ୍ତବ ଜୀବନରେ ଚାରୋଟିର ଅଭିବୃଦ୍ଧି ଘଟେ । ବ୍ୟକ୍ତି ବିଦ୍ୱାନ୍, ଦୀର୍ଘାୟୁ, ଯଶସ୍ୱୀ ଓ ଶକ୍ତିମାନ ହୁଏ ।

ବୁଦ୍ଧିମାନ ଲୋକ ଆସନ୍ତାକାଲିର କାମ ଆଜି କରିଥାନ୍ତି । ଅପରାହ୍ନର କାର୍ଯ୍ୟ ପୂର୍ବାହ୍ନରେ ସମ୍ପାଦନ କରିଥାନ୍ତି । ସାଧାରଣ ଲୋକ ଗୁଣବାନ ଲୋକ ସହିତ ସମ୍ପର୍କ ରଖି ଗୌରବର ଅଧିକାରୀ ହୋଇଥାନ୍ତି । ସେହିପରି ଘାସ ତୁଚ୍ଛ ହେଲେ ମଧ୍ୟ ପୁଷ୍ପମାଳ ସହିତ ଦେବତାର ମସ୍ତକରେ ସ୍ଥାନ ପାଏ ।

ସଂସାରରେ ପା ଜଣ ପୂଜ୍ୟ ଅଟନ୍ତି । ସେମାନେ ହେଉଛନ୍ତି ପିତୃପୁରୁଷ, ଦେବତା, ସଜ୍ଜନ, ଗୁରୁଜନ ଓ ଅତିଥି । ଏହିମାନଙ୍କୁ ସମ୍ମାନ ଦେଲେ ମଣିଷ ଯଶସ୍ୱୀ ହୋଇଥାଏ ।

**ଅଲେଖ ଚନ୍ଦ୍ର ମୁଣ୍ଡା**

ନବମ ଶ୍ରେଣୀ, ସରକାରୀ ଉଚ୍ଚ ବିଦ୍ୟାଳୟ, ନରଣପୁର



ଅପରାଜିତା ପ୍ରଧାନ, ନବମ ଶ୍ରେଣୀ,
ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ,
କୁଡୁତୁଲି, କନ୍ଧମାଳ

# ଗୁରୁ ହିଁ ସାକ୍ଷାତ ଈଶ୍ୱର

ଗୁରୁଙ୍କ ପାଦେ କରୁଛି ଜୁହାର
ସେ ପରା ଅଟନ୍ତି ଜୀବନ୍ତ ଠାକୁର ।
ଗୁରୁଦେବ ବ୍ରହ୍ମା ସର୍ଜନା କରତା
ଗୁରୁଦେବ ବିଷ୍ଣୁ ପାଳନ ଦେବତା ॥୧ ॥

ଗୁରୁ ମହେଶ୍ୱର ସଂହାର କରତା
ଗୁରୁ ନିଜେ ପୁଣି ଦଇବ ବିଧାତା ।
ଚାଲିବି ସଂସାରେ ତାଙ୍କ ନିର୍ଦ୍ଦେଶରେ
ଲଢ଼ିବି ବିପଦ ଝଡ଼ ବତାସରେ
ତାଙ୍କ ଇଚ୍ଛା ବିନା ହଲେନି ପତର ॥୨ ॥

ଦେଉଛନ୍ତି ଶିକ୍ଷା ଗୁରୁ ଆମକୁ
ଜୀବନରେ ଭଲ ମଣିଷ ହେବାକୁ ।
ମାନି ମୁଁ ଚଳିବି ତାଙ୍କରି ଆଦେଶ,
ଜୀବନରେ କେବେ ଭୋଗିବିନି କ୍ଳେଶ ॥ ୩ ॥

ବିଦ୍ୟାଦାତା ଗୁରୁ ସାକ୍ଷାତ ଈଶ୍ୱର
ତାଙ୍କ ପାଦ ତଳେ ମୋର କୋଟି ନମସ୍କାର ॥୪ ॥

**ଜିଏସ୍ ହରପ୍ରିୟା**
ଅଷ୍ଟମ ଶ୍ରେଣୀ
ସରକାରୀ ଉଚ୍ଚ ବିଦ୍ୟାଳୟ, ନରଣପୁର



## ଭୁଲ୍ ମଣିଷ

କେଉଁ ଜନ କେତେ ବରଷ ବଂଚିଲା
ମାପ କାଠି ନୁହେଁ ତା'ର ।
କେତେ ଭଲ କାମ କରିଛି ଜୀବନେ
ଗୁଣ ଭଜେ ଏ ସଂସାର ॥୧॥
ଅନ୍ୟାୟ, ଅଧର୍ମ, ପାପ ଅତ୍ୟାଚାର
କରିବାନି ଆମେ କେବେ ।
ଦୁଃଖି ରଙ୍କଙ୍କର ସେବା କରି ଆମେ
ବ୍‌ବା ଏ ଧାରା ଧାମେ ॥୨॥
ଗାରିମା ଦେଖାଇ କାହାରି ମନରେ
ଦେବାନାହିଁ କେବେ ବ୍ୟଥା ।
କାହାରି ମନରେ ଦୁଃଖ ଦେବା ନାହିଁ
କହି ଅବାଞ୍ଛିତ କଥା ॥୩॥
ଭଗବାନଙ୍କର ଶ୍ରେଷ୍ଠ ଦାନ ପରା
ଅଟେ ଏ ମାନବ ଜନମ ।
ସମାଜର ହିତ ଯେଉଁଥିରେ ନାହିଁ
କରିବାନି ସେହି କାମ ॥୪॥

**ଜି.ଏସ୍ ହରପ୍ରିୟା**
ଅଷ୍ଟମ ଶ୍ରେଣୀ
ସରକାରୀ ଉଚ୍ଚ ବିଦ୍ୟାଳୟ, ନରଣପୁର



**ଆଶ୍ରିତା ଦିଗଲ**, ଅଷ୍ଟମ ଶ୍ରେଣୀ,
ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, କୁଡୁତୁଲି, କନ୍ଧମାଳ

## ଅନ୍ଧ-ବିଶ୍ୱାସ

ଆଜିର ଏହି ବିଜ୍ଞାନ ଯୁଗରେ
'ଚେଙ୍କ' ଦେବା ନାହିଁ ଶିଶୁ ଦେହରେ ।
ରୋଗ ବଇରାଗ ହୋଇଲେ ଶିଶୁଙ୍କୁ
ଦେଖାଇବା ଯାଇ ଡ଼ାକ୍ତରଙ୍କୁ ।
ଖାଇଲେ ଔଷଧ ଭଲ ହେବ ରୋଗ
ସେଥିପାଇଁ ସବୁବେଳେ ରହିବ ସଜାଗ ।
ଗୁଣି ଗାରେଡ଼ି, ଝଡ଼ାଫୁଙ୍କା ତ ଅନ୍ଧବିଶ୍ୱାସ
ଅକାରଣେ ଜୀବନଟା ହୋଇଯିବ ନାଶ ।
ପଢ଼ିଲେ ଆମେ ବିଜ୍ଞାନ ପାଠ
ଜାଣିବାର ଏହା ଅସଲ ବାଟ ।
କୁସଂସ୍କାରକୁ ମନରୁ ଦୂରେଇ ଦେବା
ଆସରେ ଭାଇ ଆମେ ଶିକ୍ଷିତ ହେବା ।
ଡ଼ାହାଣୀ, ଭୂତପ୍ରେତ ମନରୁ ଭୟ ଦୂର କରିବା
ପୋଡ଼ଶୀଙ୍କୁ ସଚେତନତାର ବାର୍ତ୍ତା ବାଣ୍ଟିବା ।
ଆଧୁନିକ ଚିକିତ୍ସା ପଦ୍ଧତିର ସୁଯୋଗ ନେବା
'ଶିଶୁ ସୁରକ୍ଷିତ' ସମାଜ ଗଠନ କରିବା ।
ଶିଶୁର ପେଟରେ ଗରମ ଲୁହା ଚେଙ୍କ ଦେବା
ନାହିଁ
ମନରୁ ଅନ୍ଧ-ବିଶ୍ୱାସ ଦୂରେଇ ଦିଅ ଭଉଣୀ-ଭାଇ ।
କମିବ ଯେବେ ଦେଶରେ ଶିଶୁଙ୍କ ମୃତ୍ୟୁର ହାର
ଚିନ୍ତା ହେଉଛି ଯା'ର ପ୍ରତିକାର ।

**ଚୌଧୁରୀ ଜୁଆଙ୍ଗ**
ନବମ ଶ୍ରେଣୀ
ସରକାରୀ ଉଚ୍ଚ ବିଦ୍ୟାଳୟ,
ନରଣପୁର, କେନ୍ଦୁଝର

# ଅଜା ନାତୁଣୀ

ଦିନକର କଥା ଥରେ ଗୋଟିଏ ବୁଢ଼ା ତା ନାତୁଣୀ ଘରକୁ ଯାଇଥାଏ । ତା ନାତୁଣୀ ତାକୁ ଦେଖି ବହୁତ ଖୁସି ହେଲା ଓ ହାତ ଗୋଡ଼ ଧୋଇବା ପାଇଁ ପାଣି ଦେଲା । ବୁଢ଼ା ଓ ତା ନାତୁଣୀ ସହିତ କିଛି ସମୟ କଥାବା ର୍ା ହେଲା ପରେ ବୁଢ଼ା ସକାଳୁ କିଛି ଖାଇ ନଥିବାରୁ ତାକୁ ଭୋକ ଲାଗିଲା । ସେତେବେଳେ ତା' ନାତୁଣୀର ସ୍ୱାମୀ ବିଲକୁ ହଳ କରିବା ପାଇଁ ଯାଇଥାଏ । ଘରେ ସମସ୍ତଙ୍କର ଗୋଟିଏ ଗୋଟିଏ ଅଲଗା ନାମ ଦିଆହୋଇଥାଏ । ତା' ସ୍ୱାମୀ ନାଁ "ଡ଼ାଲି" ବଳଦର ନାମ ଥିଲା କୁଣିଆ ଓ ଠେଙ୍ଗା । ବୁଢ଼ାର ନାତୁଣୀ ବୁଢ଼ାକୁ ପଚାରିଲା ଅଜା ତୁମେ ଭଜା ସହିତ ଖାଇବ ନା ଡ଼ାଲି ଆସିଲେ ଖାଇବ । ବୁଢ଼ା ଭାବିଲା ଏହା ଭଜା ସହିତ ଖାଇଲେ ଭଲ ଲାଗିବ ନାହିଁ । ଏବଂ ସେ ଏହା ମଧ୍ୟ ଭାବି ନେଲା ଯେ ତା' ଜ୍ୱାଇଁ ପୁଅ ଡ଼ାଲି ଆଣିବା ପାଇଁ ଯାଇଛି । ଏହା ଭାବି ସେ ଉ ର ଦେଲା ଯେ ସେ ଡ଼ାଲି ଆସିଲେ ଖାଇବ ତା' ଝିଅର ସ୍ୱାମୀ ଡ଼ାଲି ଆସିଲା ବେଳକୁ ବହୁତ ଡ଼େରି ହେଲାଣି ବୁଢ଼ାକୁ ଏଣେ ଖୁବ୍ ଜୋରରେ ଭୋକ ହେଉଥାଏ । ସେତେବେଳକୁ ତା' ଜ୍ୱାଇଁ ପୁଅ ବିଲରୁ ଫେରୁଥାଏ । ଘରକୁ ପହ ଚି ଲା ବେଳକୁ ବଳଦ ଦୁଇଟି ଦୌଡ଼ିବାକୁ ଲାଗିଲେ । କୁଣିଆ ନାମଧାରୀ ବଳଦଟି ଘରକୁ ପସିଲା ଓ ଠେଙ୍ଗା ନାମଧାରୀ ବଳଦଟି ଅନ୍ୟ ଆଡ଼େ ଦୌଡ଼ିଲା ସେ ସ୍ୱାମୀକୁ କହିଲା କୁଣିଆକୁ ବାନ୍ଧ ମୁଁ ଯାଉଛି । ଠେଙ୍ଗା ଆଣି ରଖ ବୁଢ଼ା କାନରେ ମଧ୍ୟ ବାଜିଲା ଓ ସେ ଭାବିଲା ଯେ କ'ଣ ହେଲା ମୋତେ ମୋ ନାତୁଣୀ ବାନ୍ଧିକି ରଖିବ ଓ ଜ୍ୱାଇଁ ଯାଇଛି ଠେଙ୍ଗା ଆଣିବ ତା'ପରେ ଦୁହେଁ ମିଶି ମୋତେ ପିଟିବେ । ଯେହେତୁ ତାଙ୍କ ଘରକୁ ସେହି ଏକା କୁଣିଆ ଭାବରେ ଆସିଥିଲା । ବିଚରା ବୁଢ଼ା ଡ଼ରିମରି ଦୌଡ଼ିଯାଇ ତାଙ୍କ ବାଡ଼ି ପଟେ ଲୁଚିଗଲା । ସେତିକିବେଳେ କୁକୁରଟି ଦେଖି ଡ଼ାକିଲା ଦେଖିଲି..... ଦେଖିଲି.....ଏହା ଶୁଣି ବୁଢ଼ା ଭାବିଲା ମୋତେ ଦେଖିଦେଲା ଓ ଗାଁ ରାସ୍ତା ଦେଇ ପଡ଼ି ଉଠି ଦୌଡ଼ିବାକୁ ଲାଗିଲା । ଏହା ଦେଖି ଲୋକମାନେ ତାକୁ ପଚାରିଲେ ଯେ କାହିଁକି ଦୌଡ଼ୁଛ ? ସେସବୁ କଥା ତାଙ୍କୁ କହିଲା ସେତିକି ବେଳେ ତା' ନାତୁଣୀ ଜ୍ୱାଇଁ ଦୁହେଁ ସେଠାରେ ପହ ୍ଲେ ଓ ତାଙ୍କ ନାଁ ବିଷୟରେ ବୁଢ଼ାକୁ କହିଲେ ବୁଢ଼ା ସବୁ କଥା ଜାଣି ତା' ନାତୁଣୀ ଘରକୁ ଫେରିଲା ଓ ତା' ପରଦିନ ତାକୁ ଭଲ ଭାବରେ ଖାଇବାକୁ ଦେଇ ତା' ନାତୁଣୀ ଓ ନାତୁଣୀ ଜ୍ୱାଇଁ ତାଙ୍କୁ ବିଦାୟ ଦେଲେ ।



**ପ୍ରମୋଜିନୀ**, ନବମ ଶ୍ରେଣୀ,
ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, କୁତୁତୁଲି, କନ୍ଧମାଳ

**ରଘୁନାଥ ମୁର୍ମୁ** , ନବମ ଶ୍ରେଣୀ,
ସରକାରୀ ଉଚ୍ଚ ବିଦ୍ୟାଳୟ, ନରଣପୁର

# ଆମେ ସବୁ ଟିକି ଟିକି କଳିକା

ଆମେରେ ବାଳିକା
ନୂତନ କଳିକା
ଫୁଟି ବାସ ଦେବୁ ଚଉପାଶ । ୦ ।

ଆମେରେ ଜାଗିଲେ ଦୁନିଆ ଜାଗିବ
ହଟିବ ସବୁରୀ ଭୋକ ଶୋଷ
ଆମେରେ ବାଳିକା
ନୂତନ କଳିକା
ଫୁଟି ବାସ ଦେବୁ ଚଉପାଶ । ୧ ।

ପୁଅ ବି ଯେମିତି
ଝିଅ ବି ସେମିତି
ଅଟେ ଈଶ୍ୱରଙ୍କ ଅବଦାନ
ଆମେ କବିୟତ୍ରୀ କୁନ୍ତଳା କୁମାରୀ
ରଖିବୁ ଜାତିର ମାନ ଯଶ
କଳ୍ପନା, ସୁନିତା, ଲୀଳାବତୀ ସାଜି
ଫୁଙ୍କିବୁ ବିଜ୍ଞାନର ସାହାନାଇ
ଆମେ ସରୋଜିନୀ, ଇନ୍ଦିରା, ନନ୍ଦିନୀ
କରିବୁ ସମୃଦ୍ଧ ଆମରି ଦେଶ । ୨ ।

**ଝରଣା ମାଝୀ**
ଅଷ୍ଟମ ଶ୍ରେଣୀ
ସରକାରୀ ଉଚ୍ଚ ବିଦ୍ୟାଳୟ, ନରଣପୁର







# କ'ଣ କହିଥିଲେ କଲାମ

ଚନ୍ଦ୍ରଯାନ ୨ ର ଉତ୍କ୍ଷେପଣ କରି ଭାରତ ଇତିହାସ ରଚିଛି । ଦୀର୍ଘ ୧୬ ବର୍ଷ ପୂର୍ବରୁ ଦେଶରେ ମିଶାଇଲ ମ୍ୟାନ ଡକ୍ଟର ଏ.ପି.ଜେ. ଅବଦୁଲ୍ କଲାମ ଭାରତର ଏହି ଉପଲବ୍ଧି ସମ୍ବନ୍ଧରେ ପୂର୍ବାନୁମାନ କରିସାରିଥିଲେ । ୨୦୦୩ ଇସ୍ରୋ ଚନ୍ଦ୍ରପୃଷ୍ଠରେ ପହ୍ଂବା ପାଇଁ ଯୋଜନା କରୁଥିବା ଜାଣି କଲାମ କହିଥିଲେ ଏଭଳି ହେଲେ ସମ୍ପୂର୍ଣ୍ଣ ଦେଶ ତଥା ଦେଶର ଯୁବକ ବୈଜ୍ଞାନିକମାନେ ବେଶ୍ ଉପକୃତ ହେବେ । ଏହା ବ୍ୟତୀତ ଅନ୍ୟ ଗ୍ରହଗୁଡ଼ିକ ସନ୍ଧାନ କରିବାର ଅଭିଯାନ ଭାରତ ଏହି ମିଶନ ଦ୍ୱାରା ଆରମ୍ଭ କରୁଛି ଆଗକୁ ଏସବୁରେ ଭାରତ ମୁଖ୍ୟ ଭୂମିକା ତୁଲାଇବ ବୋଲି ମଧ ସେ ଦୃଢ଼ୋକ୍ତି କରିଥିଲେ ।

ଚନ୍ଦ୍ରପୃଷ୍ଠରେ ଭାରତ ଇତିହାସ କରିବାକୁ କଲାମ କେତେ ଯେ ଆଗ୍ରହୀ ଥିଲେ ଏହା ଅନ୍ୟ ଘଟଣାକ୍ରମରୁ ମଧ ଜଣାପଡିଛି । ଚନ୍ଦ୍ରଠାରୁ ୧୦୦ କି.ମି. ଦୂର କକ୍ଷ ପଥରେ ଲୁନାର ମିଶନ ପ୍ରବେଶ ସମ୍ବନ୍ଧରେ ଇସ୍ରୋର ବୈଜ୍ଞାନିକମାନେ ପୂର୍ବତନ ରାଷ୍ଟ୍ରପତି କଲାମଙ୍କ ପରାମର୍ଶ ନେବାରୁ କଲାମ କହିଥିଲେ ଚନ୍ଦ୍ରଠାରୁ ୧୦୦ କି.ମି. ଦୂରରେ ନୁହେଁ ବରଂ ଚନ୍ଦ୍ରପୃଷ୍ଠରେ ଏହି ମିଶନକୁ ଅବତରଣ କରାଯାଉ । ଏହା ପରଠାରୁ ଚନ୍ଦ୍ରପୃଷ୍ଠରେ ଭାରତର ଉପଗ୍ରହକୁ ଅବତରଣ କରାଇବା ପାଇଁ ଚେଷ୍ଟା ଜୋର ଧରିଥିଲା । ଅନ୍ୟ ପକ୍ଷରେ ୨୦୦୩ ମସିହାରେ ଇସ୍ରୋର ବୈଜ୍ଞାନିକମାନଙ୍କୁ ଅଭିଭାଷଣ ଦେଉଥିବା ସମୟରେ କଲାମ, ମୁଁ ୨୦୨୧ ମସିହାର ଭାରତର ଦୃଶ୍ୟକୁ ଅନୁମାନ କରିପାରୁଛି । ଏତେବେଳକୁ ମୁଁ ଗୋଟିଏ ଗ୍ରହରୁ ଆଉ ଗୋଟିଏ ଗ୍ରହକୁ ଜଣେ ଯାତ୍ରୀ ଭଳି ଯିବା ଆସିବା କରି ପାରୁଥିବି ।

**ଲାଦେନ ନାୟକ**

ଦଶମ ଶ୍ରେଣୀ, ସରକାରୀ ଉଚ୍ଚ ବିଦ୍ୟାଳୟ, ଫୁଲମ୍ବା



# ଶରୀରର ଯତ୍ନ

ଦେହକୁ ଜଗି ଚଳଇ ଯିଏ
ପାଏ ସେ ସଦା ସୁଖ,
ଦେହର ଯତ୍ନ ନିଏନା ଯିଏ
ଭୋଗେ ବହୁତ ଦୁଃଖ ।
ପାଣି ଅଟଇ ଜୀବନ ଭାଇ
ଜୀବନ ଅଟେ ପାଣି,
ଦୂଷିତ ପାଣି ପିଇଲେ ଦେହ
ଆଣେ ରୋଗକୁ ଟାଣି ।

ନିର୍ମଳ ବାୟୁ ସେବନ କଲେ
ନିରୋଗ ରହେ ଦେହ,
ନ ହେଲେ ରୋଗ ଭୋଗିବା ସାର
ଉଠିବ ଖାଲି କୋହ ।

**ମହେଶ କୁମାର ପଧାନ**
ଦଶମ ଶ୍ରେଣୀ, ସରକାରୀ ଉଚ୍ଚ ବିଦ୍ୟାଳୟ,
ଫୁଲମ୍ବା



**ଜୟଶ୍ରୀ ପ୍ରଧାନ**, ଷଷ୍ଠ ଶ୍ରେଣୀ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, କୁଡ୍ଡୁତୁଲି, କନ୍ଧମାଳ

# ହସକଥା



ବିଶ୍ୱଜିତ୍ : ଭାଇ ଚକୁଳି କେତେ ?
ହରେକୃଷ୍ଣ : ୧୦ ଟଙ୍କା
ବିଶ୍ୱଜିତ୍ : ଭାଇ ଚକୁଳି ୨ଟା ଠୋଲାରେ ଦେଲ ।
ହରେକୃଷ୍ଣ : ଏଇ ନିଅ ...
ବିଶ୍ୱଜିତ୍ : (କଣା ନୋଟ୍ ଦେଇ) ଟଙ୍କା ଧର -
ହରେକୃଷ୍ଣ : କଣା ହୋଇଯାଇଛି । ଚଳିବ ନାହିଁ ।
ବିଶ୍ୱଜିତ୍ : ତମ ଚକୁଳିର ତ ଏତେ କଣା ଥିଲା ମୁଁ ଚଳେଇ ଦେଲି ।

---

ପୁଅ : ବୋଉ, ତୁ ଆଜି ବି କଲରା ଭଜା କରିଛୁ । ମୁଁ ଯାଉଛି ହୋଟେଲ୍‌ରେ ଖାଇବି ।
ବାପା : ଏଇ ଶୁଣୁଛ, ମୋ ଚପଲଟା ଆଣିଲ ।
ପୁଅ : ଥାଉ, ବାପା ମୋତେ ମାରିବା ପାଇଁ ଚପଲ ଆଣିବାକୁ କୁହନା । ମୁଁ ଏଇ ଭଜା ଖାଇବି ।
ବାପା : ଆରେ ବୋକାଟା, ଚାଲ୍ ଆମେ ମିଶିକି ହୋଟେଲରେ ଖାଇବା ।

---

ବାପା : ଏଇ ପରୀକ୍ଷାରେ ମଧ୍ୟ ଶୂନ୍ ରଖିଛୁ ।
ପୁଅ : କିଛି ଆସୁନି ବାପା ।
ବାପା : ତୁ ମୋର ନାଁ କୁ ମାଟିରେ ମିଶେଇ ଦେଲୁ ।
ପୁଅ : ବାଡ଼ିରେ କିଛି ଖୋଜିଲା ପରିକା ଜଣାପଡ଼ିଥିଲା ।
ମା : ପୁଅ କ'ଣ ଖୋଜୁଛ ?
ପୁଅ : ବାପା କହିଲେ ତାଙ୍କ ନାଁ ମାଟିରେ ମିଶି ଯାଇଛି ସେଇଟା ଖୋଜୁଥିଲି ।

---

ସାର୍ : ନଦୀ ବିଷୟରେ ପଢ଼ାଉଥିଲେ । ପ୍ରଶ୍ନ ପଚାରିଲେ ଗଙ୍ଗା କେଉଁ ଆଡ଼େ ଯାଇଛି ।
ରିକୁ : ସାର୍ ଗଙ୍ଗା ସ୍କୁଲ ଯିବା ବାହାନାରେ ମନ୍ଦିର ପଛପଟେ ଲୁଚିଛି ।

---

**ସୁପ୍ରିୟା ସାହୁ**
ଅଷ୍ଟମ ଶ୍ରେଣୀ
ସରକାରୀ ଉଚ୍ଚ ବିଦ୍ୟାଳୟ, ନରଣପୁର





